ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✍ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 43 | 27 October - 2 November 2024 | Sambalpur | Pages- 8 | Invitation Price Rs.10

## ନୃସିଂହ ନାଥ ଓ ଗନ୍ଧମାର୍ଦ୍ଦନ ପର୍ବତର ବିକାଶ ପାଇଁ ସରକାରଙ୍କୁ ଦାବିପତ୍ର



ବରଗଡ଼ : ବରଗଡ଼ ଜିଲ୍ଲାର ପାଇକମାଳ ସ୍ଥିତ ନୃସିଂହନାଥ ମନ୍ଦିର ଓ ଗନ୍ଧମାର୍ଦ୍ଦନ ପର୍ବତର ବିକାଶ ପାଇଁ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ସମ୍ବଳିତ ଦାବିପତ୍ର ଦିଆଯାଇଛି । ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିବା ସହିତ ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଭେଟି ଏହାର ଏକକିତା ଲେଖାଏଁ ନକଲ ଦେଇଛନ୍ତି । ସେହିଭଳି କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଭିନ୍ନ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଯାଇଛି । ଦାବିପତ୍ର ପ୍ରଦାନ ଅବସରରେ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପଧାନ, ଗବେଷକ ଅଧ୍ୟାପକ ସୁଶାନ୍ତ ମିଶ୍ର, ସାମାଜିକ କର୍ମୀ ସଞ୍ଜୀବ କୁମାର ମାଝୀ, ସତ୍ୟ ବେହେରା ପ୍ରମୁଖ ପଦ୍ମପୁର ଉପଖଣ୍ଡରୁ ଉପସ୍ଥିତ ଥିବା ବେଳେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ବିଜେପି ନେତା ଅରୁଣ ନାୟକ ପ୍ରମୁଖ ସାମିଲ ଥିଲେ । ପ୍ରକାଶଥାଉକି, ପୌରାଣିକ ଓ ଆଧାତ୍ମିକ ମାନ୍ୟତା ବହନ କରୁଥିବା ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ମନ୍ଦିର ପୀଠ ଓ ଗନ୍ଧମାର୍ଦ୍ଦନ ପର୍ବତ ତ୍ରେତୟା ଯୁଗଠାରୁ ବର୍ତ୍ତମାନଯାଏଁ ସବୁ କିର୍ତ୍ତୀରାଜିର ମୂକସାକ୍ଷୀ । ବିଭିନ୍ନ ଜୈବ ବିବିଧତା ସହିତ ସହସ୍ରାଧିକ ପ୍ରକାରର ଔଷଧୀୟ ଗୁଳ୍ମର ଉପସ୍ଥିତି ଗବେଷକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିବା ବେଳେ ପ୍ରାକୃତିକ ପରିବେଶକୁ ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାରର ପ୍ରତୀକଥିବା ନୃସିଂହନାଥ ମନ୍ଦିର ଓ ପ୍ରଭୁ ମାର୍ଜାରକେଶରୀରଙ୍କ ଆସ୍ଥାନ ଧାର୍ମିକ ଓ ମାର୍ମିକ ଆସ୍ଥାର ପୂଜାଭୂମି ରହି ଆସିଛି । ସମ୍ମିଳିତ ବ୍ୟବସ୍ଥା ଦୃଷ୍ଟିରୁ ଏହି ପୀଠଟି ଆନ୍ତର୍ଜାତିକ ପର୍ଯ୍ୟଟନ ପାଇଁ ଖୋରାକ ରଖିଥିଲେବି ଉଭୟ ଓଡ଼ିଶା ଓ ଭାରତ ସରକାରଙ୍କ ଉଦାସୀନତା ଯୋଗୁଁ ସ୍ୱାଧିନତାର ହୀରକ ଜୟନ୍ତୀ ପରେବି ନୃସିଂହନାଥ ଜାତୀୟ, ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରି ପାରି ନାହିଁ । କି ଭାରତୀୟ ପୌରାଣିକ ପରମ୍ପରାର ସର୍ବୋଚ୍ଚ ସ୍ୱୀକୃତି ଥିବା ରାମାୟଣର ହନୁମାନ ଓ ବିଶଲ୍ୟକରଣୀ ଉପଖ୍ୟାନ ସହିତ ଜଡ଼ିତ ଥିବା ଗନ୍ଧମାର୍ଦ୍ଦନ ପର୍ବତ ଶ୍ରେଣୀ ଜାତୀୟ ସମ୍ପତ୍ତି ଭାବେ ସଂରକ୍ଷିତ ହୋଇ ପାରି ନାହିଁ ।


## ବିଶ୍ୱରଞ୍ଜନ ହେଲେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ



ସମ୍ବଲପୁର : ବରଗଡ ଜିଲ୍ଲାର ଅତାବିରା କଲେଜର ରସାୟନ ବିଭାଗର ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ପୂଜାରୀ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିନିଧି ଭାବେ ଏହି ସଦସ୍ୟତା ଲାଭ କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ସୁପାରିଶ କରିଥିଲେ । ସେ ଆସନ୍ତା ୩ ବର୍ଷ ପାଇଁ ଏହି ସମ୍ମାନଜନକ ପଦବିରେ ରହିବେ । ସମ୍ବଲପୁର ସହରର ମୁଦିପଡା ନିବାସୀ ପ୍ରଫେସର ଶ୍ରୀ ପଞ୍ଚାନନ ପୁଝାରୀଙ୍କ ପୁଅ ବିଶ୍ୱରଞ୍ଜନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମେତ ବହୁ ସାମାଜିକ ଅନୁଷ୍ଠାନରେ ସକ୍ରିୟ ଭାବେ ସାମିଲ ରହି ଆସିଛନ୍ତି ।

## ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନଙ୍କ ପରଲୋକ

ଝାରସୁଗୁଡ଼ା : ସ୍ୱାଧୀନତା ପରେ ଓଡ଼ିଶାର ୧୯୫୨ରେ ପ୍ରଥମ ବିଧାନ ସଭାକୁ ନିର୍ବାଚିତ ହୋଇ ଯାଇଥିବା ଶତାୟୁ ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନ ଲଖନପୁର ବ୍ଲକ ବାଘମୁଣ୍ଡା ଗ୍ରାମସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୧ ବର୍ଷ ୧୦ମାସ ହୋଇଥିଲା । ଶ୍ରୀ ପଧାନ ଏକ ମାସ ପୂର୍ବରୁ ତାଙ୍କ ଘରର ପାଇଖାନାକୁ ଯାଇଥିବା ସମୟରେ ପଡି ଯାଇଥିଲେ । ଫଳରେ ତାଙ୍କର ଗୋଡ ଭାଙ୍ଗି ଯାଇଥିଲା । ସେହି ଦିନ ଠାରୁ ସେ ଖାଦ୍ୟ ଛାଡି ଦେଇଥିବା ବେଳେ ବିଭିନ୍ନ ପ୍ରକାରର ପାନୀୟ ଦ୍ରବ୍ୟ ଖାଉଥିଲେ । ସେ ତାଙ୍କର ୫ ପୁଅ, ୬ ଝିଅ, ୨୮ ନାତି ନାତୁଣୀ, ୨୯ ପଣନାତି ନାତୁଣୀ ସମୁଦାୟ ୧୦୪ ଜଣ ସଦସ୍ୟଙ୍କୁ ଛାଡି ଯାଇଛନ୍ତି । ଗ୍ରାମର ଶ୍ମଶାନରେ ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ବଡପୁଅ କମଳ କୁମାର ପଧାନ ମୁଖାଗ୍ନି ଦେଇଥିଲେ । ସୁଚନା ଥାଉକି ଓଡିଶା ବିଧାନସଭାର ୧୪୦ଟି ଆସନ ନିମନ୍ତେ ୧୯୫୨ରେ ହୋଇଥିଲା ପ୍ରଥମ ନିର୍ବାଚନ । ଆଉ ସେହି ନିର୍ବାଚନରେ ମହାଦେବପାଲି, ଅମ୍ବାଭୋନା ଓ ମୁରା ଥାନାକୁ ନେଇ ରହିଥିବା ଅମ୍ବାଭୋନା



ମୁରା ନିର୍ବାଚନ ମଣ୍ଡଳୀରୁ ସୋସିଆଲିଷ୍ଟ ପାର୍ଟିରେ ବିଧାୟକ ଭାବରେ ନିର୍ବାଚିତ ହୋଇ ପାଞ୍ଚ ବର୍ଷ ନିମନ୍ତେ ଓଡିଶା ବିଧାନସଭାକୁ ପ୍ରତିନିଧିତ୍ୱ କରିଥିଲେ । ୧୪ ଜାନୁୟାରୀ ୧୯୨୪ ମସିହାରେ ବିଧାୟକ ଶ୍ରୀ ପଧାନ ରମ୍ପାଲୁଗା ଗ୍ରାମରେ ବାପା ଉଦ୍ଧବ ପଧାନ ମାତା ପ୍ରଭାବତୀଙ୍କ ଔରଷରୁ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ମେଳାପୀ, ସରଳ, ନିରାଡମ୍ବର ଜୀବନଯାପନ କରୁଥିବାରୁ ଅଞ୍ଚଳରେ ବେଶ ଲୋକପ୍ରିୟ ହୋଇଥିଲେ । ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।


ନିଜ କ୍ୟାମେରାରେ ତୋଳି ଧରନ୍ତୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ବିଭବ ଓ ଐତିହ୍ୟକୁ

ଫଟୋ ଉଠାନ୍ତୁ, ଆମକୁ ପଠାନ୍ତୁ ଏବଂ ଜିତନ୍ତୁ!

ଆକର୍ଷଣୀୟ ପୁରସ୍କାର ରାଶି | ନିଜ ନାମ ସହ ଫଟୋକୁ ଆମ ୨୦୨୫ କ୍ୟାଲେଣ୍ଡରରେ ସ୍ଥାନିତ କରିବାର ସୁଯୋଗ | ଫଟୋ ଦାଖଲ କରିବାର ଶେଷ ତାରିଖ ୫ ନଭେମ୍ବର,୨୦୨୪ | ଅଂଶଗ୍ରହଣ କରିବା ପାଇଁ ସ୍କାନ କରନ୍ତୁ




TPCODL | TPNODL | TPSODL | TPWODL
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପ୍ରତ୍ୟାଖ୍ୟାନ: ଟାଟା ପାୱାର, ଦାଖଲ ହୋଇଥିବା ଏଣ୍ଟ୍ରି ଗୁଡିକ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରିବାର ଅଧିକାର ଧାରଣ କରିବ । ଚିତ୍ର ଗୁଡିକ ନିଶ୍ଚିତ ଭାବରେ ମୂଳ, ଅପ୍ରକାଶିତ କାର୍ଯ୍ୟ ହେବା ଆବଶ୍ୟକ ଯାହାକି ଏକ ତୃତୀୟ ପକ୍ଷ କିମ୍ବା ସଂସ୍ଥାର ମାଲିକାନାରେ ଥିବା କୌଣସି ବିଷୟବସ୍ତୁ, ସାମଗ୍ରୀ କିମ୍ବା ଉପାଦାନ ଗୁଡିକୁ ଧାରଣ, ଅନ୍ତର୍ଭୁକ୍ତ କିମ୍ବା ଅନ୍ୟଥା ବ୍ୟବହାର ହୋଇନଥିବ କିମ୍ବା ଏକ ତୃତୀୟ ପକ୍ଷର ପ୍ରଚାର, ଗୋପନୀୟତା କିମ୍ବା ବୌଦ୍ଧିକ ଅଧିକାରକୁ ଉଲ୍ଲଂଘନ କରୁନଥିବ । ସର୍ତ୍ତାବଳୀ ଏବଂ ସର୍ତ୍ତ ପ୍ରଯୁଜ୍ୟ ।


## ଏ ସଂଖ୍ୟାରେ..



'ଏସିଡିଟି'ର ଘରୋଇ ଉପଚାର


ଦେହ ଲାଗି ହିତକର ମୂଳା


ମାଟିପାତ୍ର ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟୋପଯୋଗୀ


ଉଚ୍ଚ ରକ୍ତଚାପ ଦୂର କରିବ 'କଖାରୁ ମଞ୍ଜି'


ସ୍ୱାସ୍ଥ୍ୟ ପାଇଁ ଲିମ୍ବ ପାଣି


ଗୁଡ଼ ଓ ମହୁର ଉପକାରିତା

# ଧର୍ମ ହେଉଛି ମାନବ ଜୀବନର କେନ୍ଦ୍ର

**ଦେବ** ସଂସ୍କୃତିରେ ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ପୁରୁଷାର୍ଥ ଚତୁଷ୍ଟୟ କୁହାଯାଇଛି । ମନୁଷ୍ୟ ଜୀବନକୁ ଆନନ୍ଦରେ ପରିପୂର୍ଣ୍ଣ କରିବା ପାଇଁ ମନୁଷ୍ୟ ପୁରୁଷାର୍ଥ ଚତୁଷ୍ଟୟ ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷର ପ୍ରାପ୍ତି କରିବା ଉଚିତ । ମୋକ୍ଷ ନିଃସନ୍ଦେହ ଜୀବନର ପରମ ଲକ୍ଷ୍ୟ, କିନ୍ତୁ ଧର୍ମ ବିନା ମୋକ୍ଷ ପର୍ଯ୍ୟନ୍ତ ଯାତ୍ରା ପୂର୍ଣ୍ଣ କରିବା ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ । ଏଣୁ ମାନବ ଜୀବନରେ ଧର୍ମର ମହତ୍ତ୍ୱ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ।

ଧର୍ମର ଅର୍ଥ, କାମ ଓ ମୋକ୍ଷ ଏହି ତିନିଟିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି, କିନ୍ତୁ ବାସ୍ତବରେ ଧର୍ମ କ'ଣ ? ଧର୍ମର ସ୍ୱରୂପ କ'ଣ ? ଧର୍ମର ଅର୍ଥ କ'ଣ ? ଧର୍ମକୁ ଜୀବନରେ ବଞ୍ଚିବା କିପରି ? ଶବ୍ଦକୋଷ ଅନୁସାର 'ଧର୍ମ' ଶବ୍ଦର ଉତ୍ପତ୍ତି 'ଧୃ' ଧାତୁରୁ ହୋଇଛି ଏବଂ 'ଧୃ'ର ଅର୍ଥ ହେଉଛି – 'ଧାରଣ କରିବା' । ଅନ୍ୟ ଶବ୍ଦରେ କହିଲେ ଯାହାକୁ ଧାରଣ କରାଯାଏ, ତାହା ହେଉଛି ଧର୍ମ । ପତିତ ମନୁଷ୍ୟର ଆଧାର ହୋଇ ଯାହା ତାକୁ ଧାରଣ କରିଥାଏ ବା ରକ୍ଷା କରିଥାଏ, ତାକୁ ଧର୍ମ କୁହାଯାଏ । ଋଗ୍‌ବେଦ (୧.୨୨.୧୮)ରେ 'ଅତୋ ଧର୍ମାଣି ଧାରୟନ୍' ରୂପେ ଧର୍ମକୁ ଧାରଣ କରିବାର ଉଲ୍ଲେଖ ଅଛି । ମହାଭାରତରେ 'ଧାରଣାଦ୍ଧର୍ମମିତ୍ୟାହୁ ଧର୍ମୋ ଧାରୟତେ ପ୍ରଜାଃ' ରୂପେ ଧର୍ମକୁ ଧାରଣ କରିବାର ଉଲ୍ଲେଖ ମିଳେ । ଯାହାର ତାତ୍ପର୍ଯ୍ୟ ହେଉଛି ଯାହା ସମାଜକୁ, ଜନମାନସକୁ ଧାରଣ କରେ, ତାହା ହିଁ ଧର୍ମ । ଗୀତାର ୧୮ ଅଧ୍ୟାୟର ୩୩ତମ ଶ୍ଳୋକରେ 'ଧୃତ୍ୟା ଯୟା ଧାରୟତେ' ଦ୍ୱାରା ଧାରଣ କରିବାର ଅର୍ଥ-ଭାବ ସ୍ପଷ୍ଟ ହୋଇଥାଏ । 'ଧାରଣ କରିବା'କୁ ସରଳ ଶବ୍ଦରେ ଆପଣାଇବା ମଧ୍ୟ କୁହାଯାଇ ପାରେ । ଏବେ ପ୍ରଶ୍ନ ଉଠୁଛି ଯେ କ'ଣ ଧାରଣ କରିବା ବା ଆପଣାଇବା ଧର୍ମ ହୋଇଥାଏ ? ପ୍ରକୃତରେ ଧାରଣ କରିବା ବା ଅବଲମ୍ବନ କରିବାର ତାତ୍ପର୍ଯ୍ୟ ହେଲା ସେହି ଗୁଣଗୁଡ଼ିକୁ ଧାରଣ କରିବା ବା ଅବଲମ୍ବନ କରିବା, ଯାହାକୁ ଧାରଣ କରିବା ପରେ, ଯାହାକୁ ଆପଣାଇବା ପରେ ଜୀବନ ବିକଶିତ ହୋଇଥାଏ । ଜୀବନ ନିଜର ଚରମ ଲକ୍ଷ୍ୟକୁ, ପରମ ଲକ୍ଷ୍ୟକୁ ପ୍ରାପ୍ତ ହୋଇଥାଏ ଏବଂ ମନୁଷ୍ୟର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ପାରଲୌକିକ ଜୀବନ ସୁଖ-ଶାନ୍ତି-ସମୃଦ୍ଧି –ସନ୍ତୁଷ୍ଟି -ତୃପ୍ତି ଓ ଆନନ୍ଦରେ ଓତପ୍ରୋତ ହୋଇଉଠେ । ଏବେ ପୁଣି ପ୍ରଶ୍ନ ଉଠୁଛି ଯେ ସେହି ଗୁଣଗୁଡ଼ିକ କ'ଣ, ଯାହାକୁ ଧାରଣ କରିବା ଦ୍ୱାରା ଅଥବା ଅବଲମ୍ବନ କରିବା ଦ୍ୱାରା ମନୁଷ୍ୟର ଜୀବନ ସୁଖ-ଶାନ୍ତି-ସମୃଦ୍ଧି ଓ ଆନନ୍ଦରେ ଅପ୍ଳାବିତ ହୋଇ ଉଠିଥାଏ । ସେହି ଗୁଣ ସବୁ କ'ଣ, ଯାହାକୁ ଧାରଣ କଲେ ଅଥବା ଆପଣାଇଲେ ଜୀବନକୁ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ଧୃତି (ଧୈର୍ଯ୍ୟ), କ୍ଷମା (ଔଚିତ୍ୟ ପ୍ରତି ଉଦାରତା), ଦମ (ମନଃ ସଂଯମ), ଅସ୍ତେୟ (ନ୍ୟାୟପୂର୍ଣ୍ଣ, ସଚ୍ଚୋଟତାପୂର୍ଣ୍ଣ ଜୀବନ), ଶୌଚ (ବହିରଙ୍ଗ ଓ ଅନ୍ତରଙ୍ଗର ପବିତ୍ରତା), ଇନ୍ଦ୍ରିୟ ନିଗ୍ରହ (ବିଷୟ ଗୁଡ଼ିକର ଅଧୋଗାମୀ ପ୍ରବାହକୁ ଅଟକାଇବା), ଧୀ (ବିବେକ ବୁଦ୍ଧି), ବିଦ୍ୟା (ଆତ୍ମଜ୍ଞାନ, ପାରଲୌକିକ ଫଳ ଯୁକ୍ତ ସତ୍ କର୍ମରେ ପ୍ରବୃତ୍ତି), ସତ୍ୟ (ମନ, ବଚନ, କର୍ମରେ ବ୍ୟକ୍ତି ଶୁଦ୍ଧ ହେବା ଓ ପ୍ରିୟ ବଚନ କହିବା), ଅକ୍ରୋଧ (ମାନସିକ ସମସ୍ୱରତା, ଆତ୍ମନିୟନ୍ତ୍ରଣ, ଆବେଶରେ ଗ୍ରସ୍ତ ନ ହେବା) ଆଦି ଧର୍ମର ଏହି ଦଶ ଲକ୍ଷଣ କୁହାଯାଇଛି । ଏହି ସବୁ ସଦ୍‌ଗୁଣ ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ, ସୁଖ-ସମୃଦ୍ଧି ଓ ଆନନ୍ଦ ପାଇଁ ଆବଶ୍ୟକ । ଯେଉଁ ମନୁଷ୍ୟ ଏହି ସଦ୍‌ଗୁଣଗୁଡ଼ିକୁ ଧାରଣ କରିଥାଏ, ଆପଣାଇ ଥାଏ, ଆତ୍ମବୋଧ କରିଥାଏ, ବାସ୍ତବରେ ସେ ହିଁ ସଚ୍ଚା ମନୁଷ୍ୟ । ସେ ହିଁ ଶ୍ରେଷ୍ଠ ମନୁଷ୍ୟ । ସେ ଏହି ଗୁଣଗୁଡ଼ିକରେ ପରିପୂର୍ଣ୍ଣ ହେବା କାରଣରୁ ସର୍ବଦା ସତ୍‌ମାର୍ଗରେ ଚାଲିଥାଏ । ତା'ର ପ୍ରତ୍ୟେକ କର୍ମ ହିଁ ଧର୍ମ ମୟ ହୋଇଥାଏ, ଧର୍ମରେ ଯୁକ୍ତ ହୋଇଥାଏ । ସେ କେବେ ବି ସତ୍ୟ ଓ ସଚ୍ଚୋଟତା ପ୍ରତି ବିମୁଖ ହୋଇ ନଥାଏ । ସେ କେବେ ବି ହିଂସା, ଭ୍ରଷ୍ଟାଚାର, ବ୍ୟଭିଚାର, ଦୁରାଚାର, ଅନାଚାର, ବେଇମାନି, ମିଥ୍ୟା ଆଦି ଖରାପ କର୍ମରେ ଲିପ୍ତ ହୋଇ ନଥାଏ ।

ସେ ନିଜର ପ୍ରତ୍ୟେକ କର୍ମକୁ ହିଁ ଧର୍ମ ଦୃଷ୍ଟିରେ, ସତ୍ୟ ଦୃଷ୍ଟିରେ ଦେଖି କରିଥାଏ । ସେ ବ୍ୟକ୍ତି, ପରିବାର, ସମାଜ, ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱର ନିର୍ବାହ ସାଧୁତା, ସତ୍ୟତା, ଦାୟିତ୍ୱବୋଧତା, ବିବେକ ଶୀଳତା ଓ ସାହସିକତା ପୂର୍ବକ କରିଥାଏ । ସେ କେବେ ବି ମନ୍ଦ ଅର୍ଥାତ୍ ଅଧର୍ମ ମାର୍ଗରେ ଚାଲେ ନାହିଁ । ସେ ସର୍ବଦା ଧର୍ମ ମାର୍ଗରେ ଚାଲିଥାଏ । ସେ ସଫଳତା ପାଇବା, ଧନ ପାଇବା, ସମ୍ମାନ ପାଇବା ପାଇଁ କେବେ ବି, କେଉଁଠି ବି ଅଧର୍ମର ସାହାଯ୍ୟ ନେଇ ନଥାଏ । ଅନୀତିର ମାର୍ଗ ଅନୁସରଣ କରି ନଥାଏ । ବିପରୀତରୁ ବିପରୀତ, କଠିନରୁ କଠିନ ପରିସ୍ଥିତି ଗୁଡ଼ିକରେ ବି ସେ ସତ୍ୟ ପ୍ରତି ବିମୁଖ ହୋଇ ନଥାଏ ।

ସେ ଧର୍ମ ପ୍ରତି ବିଚଳିତ ହୋଇ ନଥାଏ । ସେ କେବେ ବି, କେଉଁଠି ବି ନିଜର ସତ୍ୟ–ଧର୍ମ ଓ ସାଧୁତାକୁ ଓ ବନ୍ଧକ ରଖି ନଥାଏ । ଯେହେତୁ ସେ ସଦାବେଳେ ଧର୍ମର ପାଳନ କରିଥାଏ ଅର୍ଥାତ୍ ଧର୍ମର ମାର୍ଗରେ ଚାଲିଥାଏ, ସେଥିପାଇଁ ତା'ର ସର୍ବତ୍ର ଜୟ ହୋଇଥାଏ, ତା'ର ଜୟ-ଜୟକାର ହୋଇଥାଏ । ହଁ! ସତ୍ୟ ପଥରେ ଚାଲିବା ଦ୍ୱାରା, ଧର୍ମ ପଥରେ ଚାଲିବା ଦ୍ୱାରା ତାକୁ ସଂଘର୍ଷ କରିବାକୁ ପଡ଼ିଥାଏ, କିନ୍ତୁ ସେ ଭଲ ଭାବେ ଜାଣିଥାଏ ଯେ ସତ୍ୟ ହଇରାଣ ହୋଇପାରେ, କିନ୍ତୁ ପରାସ୍ତ ହୁଏ ନାହିଁ; କାରଣ ଅନ୍ତତଃ ସତ୍ୟର ହିଁ ଜୟ ହୋଇଥାଏ । ଯେମିତି କି କୁହାଯାଇଛି – 'ସତ୍ୟମେବ ଜୟତେ' । ସତ୍ୟକୁ ଧର୍ମ ରୂପେ ମାନି ଈଶାବାସ୍ୟାପନିଷଦ୍ (୧୫)ରେ କୁହାଯାଇଛି ଯେ ଋଷିମାନେ ସତ୍ୟକୁ ଧର୍ମ ରୂପରେ ଦେଖୁଛନ୍ତି– ସତ୍ୟ ଧର୍ମାୟ ଦୃଷ୍ଟୟେ । ବାଲ୍ମୀକି ରାମାୟଣର ଆଯୋଧ୍ୟା କାଣ୍ଡ (୧୪.୭)ରେ ମଧ୍ୟ କୁହାଯାଇଛି ଯେ ସତ୍ୟ ହିଁ ଧର୍ମର ପ୍ରତିଷ୍ଠା । ସେଥିପାଇଁ ମହାଭାରତର ଆଦି ପର୍ବରେ ବି କୁହାଯାଇଛି – 'ସତ୍ୟାନାସ୍ତି ପରୋଧର୍ମା' ଅର୍ଥାତ୍ ସତ୍ୟ ଠାରୁ ବଳି ଅନ୍ୟ କୌଣସି ଧର୍ମ ନାହିଁ । ସତ୍ୟ ଠାରୁ ବଳି କୌଣସି ଧର୍ମ, ନୀତି, ତପ, ବଳ ନାହିଁ, ଏହି ପ୍ରକାର ସତ୍ୟକୁ ଧର୍ମ ରୂପରେ ଏବଂ ଧର୍ମକୁ ସତ୍ୟ ରୂପେ ଅଭିନ୍ନ ବୋଲି ସ୍ୱୀକାର କରାଯାଇଛି ।

ସତ୍ୟକୁ ଏତେ ଅଧିକ ମହତ୍ତ୍ୱ ଦେବାର କାରଣ କ'ଣ ? ଏହାର କାରଣ ହେଲା- ଯିଏ ସତ୍ୟ ଭଳି ସଦ୍‌ଗୁଣକୁ ଜୀବନରେ ଧାରଣ କରିନିଏ, ତା' ଭିତରେ ଅବଶିଷ୍ଟ ସଦ୍‌ଗୁଣ ସ୍ୱତଃ ଆସିଯାଏ ; କାରଣ ସତ୍ୟ ସ୍ୱୟଂ ଏତେ ଶକ୍ତିଶାଳୀ ଓ ବଳଶାଳୀ ଯେ ସେ ଅନ୍ୟ ସମସ୍ତ ସଦ୍‌ଗୁଣ (କରୁଣା, ପ୍ରେମ, କ୍ଷମା, ଅକ୍ରୋଧ ଆଦି)କୁ ନିଜ ଆଡ଼କୁ ସ୍ୱୟଂ ହିଁ ଆକର୍ଷିତ କରିନିଏ ।

ତେଣୁ ସତ୍ୟର ପାଳନ କରୁଥିବା ବ୍ୟକ୍ତି ସାଂସାରିକ ସୁଖ ସହିତ ଆତ୍ମସାକ୍ଷାତ୍‌କାର, ଈଶ୍ୱର ସାକ୍ଷାତ୍‌କାର କରିବାରେ ମଧ୍ୟ ସମର୍ଥ ହୋଇଯାଏ । ସତ୍ୟର ଶ୍ରେଷ୍ଠତା ପୂର୍ଣ୍ଣତା କାରଣରୁ ହିଁ ସତ୍ୟକୁ ଈଶ୍ୱର କୁହାଯାଇଛି ସତ୍ୟ ବିଷୟରେ କୁହାଯାଇଛି– ସତ୍ୟମ୍ ଶିବମ୍ ସୁନ୍ଦରମ୍ ଅର୍ଥାତ୍ ଯାହା ସତ୍ୟ, ତାହା ଶିବ (କଲ୍ୟାଣକାରୀ) ଏବଂ ଯାହା କଲ୍ୟାଣକାରୀ, ତାହା ହିଁ ସୁନ୍ଦର । ସତ୍ୟ ହିଁ ଶିବ, ଆଉ ଶିବ ହିଁ ସୁନ୍ଦର ।

ସତ୍ୟର ଶ୍ରେଷ୍ଠତା କାରଣରୁ ହିଁ ସତ୍ୟ ମଧ୍ୟରେ ହଜାର ହାତୀ ସମାନ ବଳ ରହିଥାଏ । ଯିଏ ସତ୍ୟବାନ୍, ସେ ହିଁ ଧର୍ମନିଷ୍ଠ ଏବଂ ତାକୁ କେହି କେବେ ପରାସ୍ତ କରି ପାରିବେ ନାହିଁ । ତା'ର ସତ୍ୟ, ତା'ର ଧର୍ମ ସଦାବେଳେ ତା'ର ରକ୍ଷା କରିଥାଏ । ଯେଉଁଠି ଅଧର୍ମ, ଅସତ୍ୟ ଅର୍ଥାତ୍ ଖରାପ ମାର୍ଗରେ ଚାଲୁଥିବା ବ୍ୟକ୍ତି ଶେଷରେ ନାନା ପ୍ରକାର ଦୁଃଖ ଦ୍ୱାରା ଘେରି ଯାଏ, ସଂକଟ ଗୁଡ଼ିକ ଦ୍ୱାରା ଘେରିଯାଏ ଏବଂ ବିନାଶକୁ ପ୍ରାପ୍ତ ହୋଇଥାଏ ତ ସେଠାରେ ସତ୍ୟବାନ୍, ଧର୍ମବାନ୍ ବ୍ୟକ୍ତି ସଂକଟ ଓ ବିପଦ ଗୁଡ଼ିକରୁ ବାହାରି ଆସିଥାଏ । କାହିଁକି ? କାରଣ ତା'ର ଧର୍ମ ହିଁ ତାକୁ ରକ୍ଷା କରିଥାଏ । ତା'ର ସତ୍ୟ ହିଁ ତାକୁ ରକ୍ଷା କରିଥାଏ । ତେଣୁ ଶ୍ରୁତି କହେ- 'ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷିତଃ ।'' ଅର୍ଥାତ୍ ଧର୍ମର ଯିଏ ନାଶ କରିବ, ଧର୍ମ ତାକୁ ନାଶ କରିଦେବ ଏବଂ ଯିଏ ଧର୍ମର ରକ୍ଷା କରିବ, ଧର୍ମ ତାକୁ ରକ୍ଷା କରିବ । ଧର୍ମ ନାଶର ଅର୍ଥ ହେଉଛି ଧର୍ମର ଉପେକ୍ଷା କରିବା ତଥା ଧର୍ମ ରକ୍ଷାର ଅର୍ଥ ହେଉଛି ଧର୍ମାଚରଣ କରିବା ଅର୍ଥାତ୍ ଧର୍ମକୁ ନିଜ ଜୀବନରେ ଜିଇବା, ଧର୍ମ ପଥରେ ଚାଲିବା । ଧର୍ମ ପ୍ରଧାନ ଅର୍ଥାତ୍ ଧର୍ମଯୁକ୍ତ ଜୀବନ ବ୍ୟକ୍ତି, ସମାଜ, ରାଷ୍ଟ୍ର ଓ ସଂସ୍କୃତିର ସର୍ବାଙ୍ଗିନ ଅଭ୍ୟୁଦୟର କାରଣ ହୋଇଥାଏ, ଯଦ୍ୟପି ଧର୍ମରହିତ ଜୀବନ ବ୍ୟକ୍ତି, ପରିବାର, ସମାଜ, ରାଷ୍ଟ୍ର ଓ ସଂସ୍କୃତିର ପତନର କାରଣ ହୋଇଥାଏ । ତେଣୁ ମନୁ ମହାରାଜ କହିଛନ୍ତି – 'ପରିତ୍ୟଜେଦର୍ଥକାମୌ ଯୌ ସଂତ୍ୟ ଧର୍ମ ବର୍ଜିତୌ' ଅର୍ଥାତ୍ ମନୁଷ୍ୟ ଧର୍ମ ରହିତ ଅର୍ଥ ଓ କାମର ପରିତ୍ୟାଗ କରିଦେବା ଉଚିତ ।

ଜୈମିନୀକୃତ ମୀମାଂସା (ମୀମାଂସା ସୂତ୍ର- ୧.୧.୨)ରେ କୁହାଯାଇଛି ଯେ ଧର୍ମର ଅର୍ଥ ଶ୍ରେୟସ୍କର ଅର୍ଥାତ୍ ମଙ୍ଗଳ ଜନକ ହୋଇଥାଏ, ଯଦ୍ୱାରା ଅଭ୍ୟୁଦୟ ସାଧିତ ହୋଇଥାଏ । କଣାଦ ମୁନିଙ୍କ ବୈଶେଷିକ ସୂତ୍ର ୧.୧.୨ରେ କୁହାଯାଇଛି ଯେ 'ଯତୋଭ୍ୟୁଦୟନିଃ ଶ୍ରେୟସସିଦ୍ଧି ସ ଧର୍ମ ।' ଅର୍ଥାତ୍ ଧର୍ମ ଦ୍ୱାରା ସାଂସାରିକ ଜୀବନରେ ଅଭ୍ୟୁଦୟ ଏବଂ ଜୀବନର ପରମ ଲକ୍ଷ୍ୟ ନିଃଶ୍ରେୟସ– ଉଭୟର ସିଦ୍ଧି ହୋଇଥାଏ ।

ଗୀତାରେ ରାଗ-ଦ୍ୱେଷକୁ ଜିତି ସ୍ୱଧର୍ମ ପାଳନ, ଶାସ୍ତ୍ର ବିଧିରେ ନିୟତ କର୍ମ କରିବା, ଯଜ୍ଞାଦି କର୍ମ କରିବା, ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମର ଭଲ ଭାବେ ଆଚରଣ କରିବା, ନିଷ୍କାମ କର୍ମ କରିବା, ସମତ୍ୱ ବୁଦ୍ଧି ଭାବ ପୂର୍ବକ ପାପ-ପୁଣ୍ୟ ଦୁଇଟି ପ୍ରତି ଆସକ୍ତି ତ୍ୟାଗ କରି କର୍ତ୍ତବ୍ୟ ପାଳନ କରିବା ଏବଂ କର୍ମ ବନ୍ଧନରୁ ମୁକ୍ତ ହେବାର ଉପାୟକୁ ହିଁ ଧର୍ମ ବୋଲି ସ୍ୱୀକାର କରାଯାଇଛି ।

ରାମଚରିତ ମାନସରେ କୁହାଯାଇଛି – 'ପର ହିତ ସରିସ ଧରମ ନହିଁ ଭାଈ' ଅର୍ଥାତ୍ ପରୋପକାର ସମାନ ଅନ୍ୟ କୌଣସି ଧର୍ମ ନାହିଁ । ଭାଗବତ ପୁରାଣରେ ବିଦ୍ୟା, ଦାନ, ତପ ଓ ସତ୍ୟକୁ ଧର୍ମର ଚାରି ପାଦ ବୋଲି କୁହାଯାଇଛି । ଏହି ପ୍ରକାର ବିବିଧ ଧର୍ମଗ୍ରନ୍ଥରେ ଧର୍ମକୁ ସ୍ପଷ୍ଟ କରି ଏହାକୁ ଜୀବନରେ ଧାରଣ କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି ; କାରଣ ଧର୍ମ ବିନା ସ୍ୱସ୍ଥ, ସୁଖୀ, ସମୃଦ୍ଧ ବ୍ୟକ୍ତି, ପରିବାର, ସମାଜ ଓ ରାଷ୍ଟ୍ରର କଳ୍ପନା କରାଯାଇ ପାରିବ ନାହିଁ । ଯିଏ ଧର୍ମନିଷ୍ଠ, ସିଏ ଜୀବିତ ଏବଂ ଯିଏ ଧର୍ମହନ୍ତା, ସିଏ ଆତ୍ମହନ୍ତା । ଅଧର୍ମ ଅଳ୍ପ କାଳ ପାଇଁ ଭଲା ବଳବାନ୍ ପ୍ରତୀତ ହୋଇପାରେ, କିନ୍ତୁ ଶେଷରେ ତାହାର ବିନାଶ ସୁନିଶ୍ଚିତ ଏବଂ ଧର୍ମ ଅଳ୍ପ କାଳ ପାଇଁ ଭଲା ସଂଘର୍ଷ କରୁଥିବାର ଅଥବା ସଂକଟରେ ଘେରିହୋଇ ରହିଥିବାର ଦେଖାଯାଇ ପାରେ, କିନ୍ତୁ ଶେଷରେ ତାହାର ଜୟ ସୁନିଶ୍ଚିତ । ଆମେ ମଧ୍ୟ ନିଜ ଜୀବନରେ ଧର୍ମକୁ ଧାରଣ କରି ଜନ ନିଜ ଜୀବନକୁ ସୁଖ-ଶାନ୍ତି-ସମୃଦ୍ଧି ଓ ଆନନ୍ଦରେ ଅମ୍ଳୀବିତ କରିନେବା ଉଚିତ । ଧର୍ମ ଯୁକ୍ତ ଜୀବନ ହିଁ ଜୀବନ ଏବଂ ଧର୍ମ ରହିତ ଜୀବନ ନିଃସନ୍ଦେହ ନିକୃଷ୍ଟ ଜୀବନ ହୋଇଥାଏ । ପ୍ରକୃତରେ ଧର୍ମ ହିଁ ଧାରଣ କରିବାର ବସ୍ତୁ ; କାରଣ ଧର୍ମ ହିଁ ଆମ ଜୀବନର କେନ୍ଦ୍ର । ଯେପରି ମୂଳ ମାଧ୍ୟମରେ ଜୀବନରସ ପ୍ରାପ୍ତ କରି ଏକ ଚାରା ବିରାଟ ବୃକ୍ଷରେ ପରିଣତ ହୋଇଯାଏ, ଫୁଲ-ଫଳରେ ଲଦି ହୋଇଯାଏ, ସେହି ପ୍ରକାର ଧର୍ମ ରୂପୀ ମୂଳ ମାଧ୍ୟମରେ ଜୀବନରସ ପାଇ ବ୍ୟକ୍ତିର ଜୀବନ ମହାନତା, ଉତ୍କୃଷ୍ଟତା ଓ ଆନନ୍ଦ ଦିଗରେ ଅଗ୍ରସର ହୋଇଥାଏ । ମୂଳ ଯେତିକି ଗଭୀର ଓ ମଜଭୁତ ହୋଇଥାଏ, ବୃକ୍ଷ ସେତିକି ବିରାଟ ଓ ହିଁ ବିଶାଳକାୟ ହୋଇଥାଏ । ବାସ୍ତବରେ ଜୀବନ ରୂପୀ ବୃକ୍ଷର ମୂଳ ହେଉଛି ଧର୍ମ ।

ବାସ୍ତବିକ ଧର୍ମ ମନୁଷ୍ୟର ପ୍ରତ୍ୟେକ ସ୍ଥିତିରେ କଲ୍ୟାଣ କରିଥାଏ । ଏଥିପାଇଁ ଋଗ୍‌ବେଦରେ କୁହାଯାଇଛି– ''ସୁଗା ଋତସ୍ୟ ପନ୍ଥା'' ଅର୍ଥାତ୍ ଧର୍ମର ମାର୍ଗ ମାନବକୁ ସୁଖ ଦେଇଥାଏ ଏବଂ ଦୁଃଖରୁ ମୁକ୍ତ କରିଥାଏ । ଜୀବନରେ ଧର୍ମକୁ ଆପଣାଇବା ପାଇଁ, ବଞ୍ଚିବା ପାଇଁ ଧର୍ମର ବାସ୍ତବିକ ସ୍ୱରୂପକୁ ବୁଝିବା ମଧ୍ୟ ଆବଶ୍ୟକ । 'ଧର୍ମ' ଶବ୍ଦର ବଡ଼ ବ୍ୟାପକ ଅର୍ଥ ଓ ଅଭିପ୍ରାୟ ରହିଛି । ଧର୍ମ କୌଣସି ପନ୍ଥ, ସଂପ୍ରଦାୟ, ମତ ଅଥବା ରିଲିଜନ ଠାରୁ ଉର୍ଦ୍ଧ୍ୱରେ ଏକ ଶାଶ୍ୱତ ନୀତି ଦର୍ଶନର ନାମ, ଯାହା ମୂଳତଃ ସମ୍ବେଦନାର କେନ୍ଦ୍ରରେ ଜନ୍ମ ନେଇଥାଏ, ପରନ୍ତୁ ଆଜିକାଲି ବିଶେଷ ବେଶ–ବିନ୍ୟାସ ଧାରଣ କରିନେବା ଏବଂ କୌଣସି ସଂପ୍ରଦାୟର କ୍ରିୟା ଓ କର୍ମକାଣ୍ଡକୁ ହିଁ ଧର୍ମ ବୋଲି ବୁଝାଯାଉଛି । ମାତ୍ର ଏପର୍ଯ୍ୟନ୍ତ ଏହା ଦ୍ୱାରା କାହାର ଭଲ ହୋଇ ନାହିଁ ଏବଂ ଆଗକୁ ମଧ୍ୟ ହେବ ନାହିଁ । ସେଥିପାଇଁ କେହି ଜଣେ ଠିକ୍ ହିଁ କହିଛନ୍ତି– ଧର୍ମ ନାମରେ ଆଜି ଆମେ ସବୁ ଲିପ୍ ସର୍ଭିସ କେବଳ କରୁଛେ, ଅର୍ଥାତ୍ ଧର୍ମ ନାମରେ ଆଜି ଆମେ କେବଳ ଓଠ ଦ୍ୱାରା ଭୁଡ଼ ଭୁଡ଼ ହେବାର କର୍ମକାଣ୍ଡ ହିଁ କରିଥାଉ । ଯଦ୍ୟପି ଧର୍ମ ବ୍ୟକ୍ତିତ୍ୱ ପରିଷ୍କାର ଓ ତାହା ମାଧ୍ୟମରେ ସାରା ସମାଜ ଉପରେ ପଡୁଥିବା ପ୍ରଭାବର ନାମ ଅଟେ । 'ଯାହା ମନୁଷ୍ୟକୁ ସଂଯମୀ, ସମ୍ବେଦନଶୀଳ ଓ ଶ୍ରେଷ୍ଠ କରାଏ, ତାହା ହେଉଛି ଧର୍ମ ଯାହା ତାକୁ ଅସଂଯମୀ, ସମ୍ବେଦନହୀନ ଓ ଭୋଗବାଦୀ କରାଏ, ତାହା ହେଉଛି ଅଧର୍ମ ।' ବାସ୍ତବରେ ମନୁଷ୍ୟର ଭାବ-ସମ୍ବେଦନାର ବିକାଶ ଧର୍ମ । ପ୍ରକୃତରେ ଧର୍ମ ଆମକୁ ନିଜ ସହିତ ପରିବାର, ସମାଜ, ରାଷ୍ଟ୍ର ଓ ବିଶ୍ୱ ମାନବତା ପ୍ରତି ଆମର କର୍ତ୍ତବ୍ୟର ପ୍ରେରଣା ଦେଇଥାଏ । ଏହା ସହିତ ଧର୍ମ ଆମକୁ ଫଳ ପ୍ରତି ତଟସ୍ଥ ରହି କର୍ତ୍ତବ୍ୟ କର୍ମ କରିବାର ପ୍ରେରଣା ଦେଇଥାଏ । ଧର୍ମର ବିଭିନ୍ନ ଅଂଗଗୁଡ଼ିକୁ ସ୍ପଷ୍ଟ କରି ସେ ଲେଖୁଛନ୍ତି - 'ନୀତି ବିଜ୍ଞାନ ଅର୍ଥାତ୍ ନୈତିକତା ଧର୍ମର ପ୍ରଥମ ଅଂଗ । ଧର୍ମ ନୈତିକତା ଉପରେ ଆଧାରିତ ଏପରି ଏକ ଅନୁଶାସନ, ଯାହା ବ୍ୟକ୍ତିର ଚେତନାରେ ସମ୍ବେଦନାକୁ ଜନ୍ମ ଦେଇଥାଏ, ତାକୁ ଅଙ୍କୁରିତ-ପୋଷିତ ହେବା ପାଇଁ ସମୁଚିତ ବାତାବରଣ ପ୍ରଦାନ କରିଥାଏ । ଧର୍ମ ମନୁଷ୍ୟକୁ ଅନୁଶାସନରେ ବାନ୍ଧିଥାଏ ।'

ନିୟମବଦ୍ଧ, ଅନୁଶାସିତ ଓ ସଂଯମପୂର୍ଣ୍ଣ ଜୀବନ ହିଁ ସମୃଦ୍ଧ ବ୍ୟକ୍ତିତ୍ୱ ନିର୍ମାଣ କରିଥାଏ ଏବଂ ଏହି କାର୍ଯ୍ୟ ଧର୍ମାଚରଣ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଏଥିପାଇଁ ସମ୍ଭବତଃ ଋଷିମାନେ କହିଛନ୍ତି– 'ଧର୍ମାନ୍ନ ପ୍ରମଦିତବ୍ୟମ୍' ଅର୍ଥାତ୍ ଧର୍ମରେ ପ୍ରମାଦ ବା ଅସାବଧାନତା କରିବା ଉଚିତ ନୁହେଁ । ଆଧୁନିକ ସଭ୍ୟତା ମନୁଷ୍ୟକୁ ନୈତିକ ବନ୍ଧନଗୁଡ଼ିକର ଉର୍ଦ୍ଧ୍ୱରେ ଧର୍ମରହିତ ଅର୍ଥ ଓ କାମର ପ୍ରାପ୍ତି ତଥା ଉପାର୍ଜନ ପାଇଁ ପ୍ରେରିତ କରିଥାଏ ଏବଂ ମନର ପୈଶାଚିକ ଦାସତ୍ୱକୁ ଗ୍ରହଣ କରିବାର ପ୍ରେରଣା ଦେଇଥାଏ, ଯାହାର ପରିଣାମ ଏବେ ଆମ ସମ୍ମୁଖରେ ଉପସ୍ଥିତ । ପ୍ରତ୍ୟକ୍ଷତଃ ଆଜି ଲୌକିକ ଜୀବନରେ ଯେଉଁ ରୋଗ, ଦୁଃଖ, ଦୁର୍ବଳତା, ଅଶାନ୍ତି ଓ ପାରସ୍ପରିକ କଳହ ନଜରକୁ ଆସୁଛି, ସେସବୁ ଏହି କାରଣରୁ ଉତ୍ପନ୍ନ ହୋଇଛି । ତେଣୁକରି ସୁଖମୟ ଜୀବନ ସକାଶେ ଜୀବନରେ ନୈତିକତା ଅର୍ଥାତ୍ ଧର୍ମର ପାଳନ ଆବଶ୍ୟକ । ଧର୍ମର ଦ୍ୱିତୀୟ ଅଂଗ ହେଉଛି – ଆସ୍ତିକତା, ଆସ୍ତିକତା ପ୍ରଧାନ ତତ୍ତ୍ୱଦର୍ଶନ । ମାନବୀୟ ଅତିଚେତନାର ଏକ ଅନିବାର୍ଯ୍ୟ ଓ ମହତ୍ତ୍ୱପୂର୍ଣ୍ଣ ଗୁଣ ହେଉଛି ଆସ୍ତିକତା, ଯଦ୍ୱାରା ମନୁଷ୍ୟକୁ ଉପରକୁ ଉଠାଉଥିବା, ଦୁର୍ବଳତା ଗୁଡ଼ିକରୁ ମୁକ୍ତି ଦିଆଉଥିବା ଶ୍ରେଷ୍ଠ ଓ ଉଦାର ଭାବନା ଗୁଡ଼ିକର ଉଦୟ ହୋଇଥାଏ । ଆସ୍ତିକତା ଦ୍ୱାରା ହିଁ ବ୍ୟକ୍ତିକୁ ସ୍ୱୟଂ ଉପରେ ପୂର୍ଣ୍ଣ ବିଶ୍ୱାସ ହୋଇଥାଏ । ସେ ନିଜର କ୍ଷମତାଗୁଡ଼ିକ ଉପରେ ବିଶ୍ୱାସ କରେ, ଯେଉଁ କାରଣରୁ ତା' ଭିତରେ ଆତ୍ମବିଶ୍ୱାସ ଓ ଆତ୍ମବଳର ଜାଗରଣ ହୋଇଥାଏ । ଆସ୍ତିକତା ହିଁ ମନୁଷ୍ୟ ମଧ୍ୟରେ ଥିବା ପ୍ରତିଭା ଜାଗରଣର ମୂଳ କେନ୍ଦ୍ର । ନିଜ ଉପରେ ବିଶ୍ୱାସ କରିବା ହିଁ ଆସ୍ତିକତା । ଯାହାର ନିଜ ଉପରେ ଭରସା ହିଁ ନାହିଁ, ସେ ଉପରକୁ ଉଠିପାରେ ନାହିଁ । ଧର୍ମର ତୃତୀୟ ଅଂଗ ହେଉଛି – ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତା ବିନା ଧାର୍ମିକତାର କଳ୍ପନା ମଧ୍ୟ କରାଯାଇ ନପାରେ । ଅଧ୍ୟାତ୍ମ ହେଉଛି ଧର୍ମର ପ୍ରାଣ ତତ୍ତ୍ୱ । ଧର୍ମ ଅଗଠିତ ମାନବକୁ ସୁଗଠିତ ଓ ଦେବମାନବ ତଥା ତାକୁ ଠିକ୍ ଦିଶା ଦେଉଥିବା ଏକ ଗହନ ବିଜ୍ଞାନ, ଯାହାକୁ ଆମେ ଅଧ୍ୟାତ୍ମ କହିଥାଉ । ଅଧ୍ୟାତ୍ମ ହିଁ ଧର୍ମର ଆତ୍ମା । ଅଧ୍ୟାତ୍ମ ବିନା ଧାର୍ମିକତା କିପରି ସମ୍ଭବ ? ମନୁଷ୍ୟ ମଧ୍ୟରେ ସତ୍ୟ, ପ୍ରେମ, କରୁଣା ଓ ଭାବ-ସମ୍ବେଦନାର ପ୍ରଗାଢ଼ତା ହିଁ ଆଧ୍ୟାତ୍ମିକତା ଏବଂ ଏପରି ଆଧ୍ୟାତ୍ମିକତା ହିଁ ଧାର୍ମିକତା ଅଟେ । ଏହି ପରି ଉପରୋକ୍ତ ଦୃଷ୍ଟିରୁ ଦେଖିଲେ ଜାଣିପାରିବା ଯେ ଧର୍ମ ହେଉଛି ନୈତିକତା, ଆସ୍ତିକତା ଓ ଆଧ୍ୟାତ୍ମିକତାର ସମୁଚ୍ଚୟ । ନୈତିକତା, ଆସ୍ତିକତା ଏବଂ ଆଧ୍ୟାତ୍ମିକତାର ସମ୍ମିଳିତ ରୂପ ହେଉଛି ଧର୍ମ । ଆମେ ମଧ୍ୟ ନିଜ ଭିତରେ ନୈତିକତା, ଆସ୍ତିକତା ଓ ଆଧ୍ୟାତ୍ମିକତାକୁ ବିକଶିତ କରି ସୁଖ-ଶାନ୍ତି-ସମୃଦ୍ଧି-ମୁକ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ପ୍ରୟାସ କରିବା ଉଚିତ ।

# ରାମାୟଣ କଥା : ମନ୍ଥରା ମନ୍ତ୍ରରେ ରାକ୍ଷସ ଅନ୍ତ



**ଡ଼ଃ ପ୍ରମୋଦ କୁମାର ପଣ୍ଡା**

ପ୍ରଜାବତ୍ସଳ, ଧର୍ମାନୁରାଗୀ, ସତ୍ୟନିଷ୍ଠ , ମହାଦାନୀ, ପରାକ୍ରମଶାଳୀ, ଯୁଦ୍ଧନିପୁଣ ବିଷ୍ଣୁଭକ୍ତ ପ୍ରହ୍ଲାଦପୁତ୍ର ବିରୋଚନଙ୍କ ଠାରୁ ପରାଜିତ ଦେବରାଜ ଇନ୍ଦ୍ର ନିଜସ୍ୱ ପଦ ଓ ମର୍ଯ୍ୟାଦା ଫେରିପାଇବାକୁ ଛଦ୍ମବେଶୀ ବ୍ରାହ୍ମଣରୂପ ଧାରଣ କଲେ । ରାଜା ବିରୋଚନଙ୍କ ନିକଟକୁ ଯାଇ ତାଙ୍କୁ ତାଙ୍କର ମସ୍ତକ ଦାନ ସ୍ୱରୂପ ମାଗିଲେ । ସ୍ଥିତପ୍ରଜ୍ଞ ରାଜା ବିରୋଚନ ସ୍ୱହସ୍ତରେ ନିଜର ମସ୍ତକ ଛେଦନ କରି ଦେବରାଜ ଇନ୍ଦ୍ରଙ୍କୁ ଦାନ କରି ନିଜର ବଚନ ରକ୍ଷା କଲେ । ଇନ୍ଦ୍ରଙ୍କ ଏତାଦୃଶ କପଟାଚାରରେ ମର୍ମାହତୋତ୍ୟକ୍ତ ବିରୋଚନ ପୁତ୍ରପୁତ୍ରୀ ସ୍ୱର୍ଗପୁର ଆକ୍ରମଣ କଲେ । ଦେବଗଣଙ୍କୁ ନାଗପାଶରେ ବନ୍ଦୀ କରି ଅସହ୍ୟ ଯାତନା ଦେଲେ । ଭଗବାନ ବିଷ୍ଣୁଙ୍କ ଆଦେଶରେ ଗରୁଡ଼ରାଜ ଦେବଗଣଙ୍କୁ ଉଦ୍ଧାର କଲେ । ଗରୁଡ଼ଙ୍କ ଆକ୍ରମଣରେ ଆଘାତପ୍ରାପ୍ତ ବିରୋଚନ ପୁତ୍ରୀ କୁବଜୀ ହେଲା । ପରବର୍ତ୍ତୀ ଜନ୍ମରେ ସେ ମନ୍ଥରା ରୂପେ ଜନ୍ମ ନେଲା ବୋଲି କୁହାଯାଏ । ଅନ୍ୟ କଥାନୁସାରେ ମନ୍ଥରା ପୂର୍ବଜନ୍ମରେ ଦୁନ୍ଦୁଭ ନାମକ ଗନ୍ଧର୍ବ କନ୍ୟା ଥିଲା । ବାଲ୍ୟକାଳରୁ କୈକେୟୀଙ୍କ ଦେଖାଶୁଣା କରୁଥିବା ଧାଈମା ମନ୍ଥରା ବିବାହ ପରେ ତାଙ୍କ ସହିତ ଅଯୋଧା ଆସିଥିବା କଥା ମଧ କୁହାଯାଏ । କେତେକେ ରାଣୀ କୈକେୟୀଙ୍କ ବାଲ୍ୟସଖୀ ରେଖାକୁ ମନ୍ଥରା ବୋଲି ଚିତ୍ରିତ କରନ୍ତି । କିନ୍ତୁ ବାଲ୍ମୀକି ରାମାୟଣରେ ମନ୍ଥରାର ଜନ୍ମ, ପିତାମାତା, ବିବାହାଦି ବୃତ୍ତାନ୍ତ ଦେଖିବାକୁ ମିଳେନାହିଁ । ତେବେ, ମନ୍ଥରା ରାଣୀ କୈକେୟୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ, ଏଥିରେ ଦ୍ୱିରୁକ୍ତି କିମ୍ବା ମତାନ୍ତର ନାହିଁ । ମନ୍ଥରା କେବଳ କୁବଜୀ ଓ କୁରୂପୀ ନଥିଲା । ସେ ଥିଲା ଅତ୍ୟନ୍ତ କପଟୀ । ଚକ୍ରାନ୍ତକରି ରାମଚନ୍ଦ୍ରଙ୍କୁ ଅଯୋଧରୁ ନିଷ୍କାସିତ କରିବାରେ ସଫଳ ହୋଇଥିଲା ସେ ।

ରାମଚନ୍ଦ୍ର ଥିଲେ ମହାରାଜ ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର । ରାଣୀ କୌଶଲ୍ୟାଙ୍କ ଗର୍ଭରୁ ତାଙ୍କର ଜନ୍ମ । କୁମାର ଭରତ ଅଯୋଧା ନରେଶଙ୍କ ଦ୍ୱିତୀୟ ପୁତ୍ର । ରାଣୀ କୈକେୟୀଙ୍କ ଗର୍ଭରୁ ଜାତ । ଲକ୍ଷ୍ମଣ ଓ ଶତ୍ରୁଘ୍ନ ମହାରାଜା ଦଶରଥଙ୍କ ତୃତୀୟ ଓ ସର୍ବକନିଷ୍ଠ ପୁତ୍ର । ମହାରାଣୀ ସୁମିତ୍ରା ତାଙ୍କର ଜନ୍ମଦାତ୍ରୀ । ରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଗୋଟିଏ ମାଁ ଗର୍ଭରୁ ଜନ୍ମ ନ ଥିଲେ ହେଁ ତାଙ୍କ ମଧ୍ୟରେ ଥିଲା ଅନାବିଳ ସ୍ନେହ । ଶରୀର ଭିନ୍ନ ଭିନ୍ନ । ଆତ୍ମା କିନ୍ତୁ ଅଭିନ୍ନ । ଜ୍ୟେଷ୍ଠକୁ କନିଷ୍ଠର ଭକ୍ତି ଓ କନିଷ୍ଠକୁ ଜ୍ୟେଷ୍ଠର ଅନୁରକ୍ତି ହେଉଛି ତାଙ୍କର ଶକ୍ତି । ଜନ୍ମିତ ମାଁ ଅପେକ୍ଷା ଅଧିକ ଆଦର ଓ ସମ୍ମାନ କରନ୍ତି ସେମାନେ ତାଙ୍କ ସାବତ ମାଁଙ୍କୁ । ସମସ୍ତେ ପିତୃମାତୃ ଭକ୍ତ, ଆଜ୍ଞାଧୀନ । ମହାରାଜ ଦଶରଥ, ରାଣୀ କୌଶଲ୍ୟା, ରାଣୀ କୈକେୟୀ ଓ ରାଣୀ ସୁମିତ୍ରାଙ୍କ ସ୍ୱଭାବ ମଧ ତତାଦୃଶ । ଚାରି ପୁତ୍ର ତିନି ରାଣୀଙ୍କ ନୟନ ତାରା, ଆଖିର ପିତୁଳା । ମନ୍ଥରା କିନ୍ତୁ ସବୁ ନାଟର ଗୋବର୍ଦ୍ଧନ । ପରମ ଚକ୍ରୀ । ଚକ୍ରାନ୍ତ ତାର ଅଭ୍ରାନ୍ତ । ରାମଙ୍କୁ ଦେଖିଲେ ସତେ ଯେମିତି ତାର ଆଖିରେ କଣ୍ଟା ଫୋଡ଼ିହୁଏ । ଅଯୋଧାର ସିଂହାସନ ଉପରେ ତାର ନଜର । ଭରତର ରାଜ୍ୟାଭିଷେକ ଓ ସିଂହାସନା ରୋହଣ ପାଇଁ ସେ ସର୍ବଦା ବ୍ୟତିବ୍ୟସ୍ତା । ଚିନ୍ତିତା । ସୁଯୋଗ ଅପେକ୍ଷାରେ ।

ରାମଚନ୍ଦ୍ର ଥିଲେ ପ୍ରବଳ ପରାକ୍ରମୀ । ବୁଦ୍ଧିରେ ବୃହସ୍ପତି ଓ ବଳରେ ଦେବରାଜ ଇନ୍ଦ୍ରତୁଲ୍ୟ । ଦେବାସୁର ତାଙ୍କୁ ଯୁଦ୍ଧରେ ପରାଜିତ କରିବା ଅସମ୍ଭବ । ବଳ ଓ ପରାକ୍ରମ ସମ୍ପନ୍ନ ହେଲେ ବି ମନରେ ଗର୍ବ ନାହିଁ । ସମସ୍ତ ଇନ୍ଦ୍ରିୟ ତାଙ୍କ ଆୟତ୍ତରେ । ପରମ ଦୟାଳୁ ଓ ଧାର୍ମିକ । ଅନ୍ୟର ଦୋଷ ତାଙ୍କ ଆଖିକୁ ଦେଖା ଯାଏନି । ଜାତି, ଧର୍ମ, ବର୍ଣ୍ଣ, କର୍ମ ନିର୍ବିଶେଷରେ ସମସ୍ତେ ତାଙ୍କ ପାଇଁ ସମାନ । ବ୍ରାହ୍ମଣଙ୍କ ପୂଜାରୀ ସେ । ତାଙ୍କ ଗୁରୁଭକ୍ତିର ପଟାନ୍ତର ନାହିଁ । ବାହ୍ୟ ଓ ଅନ୍ତଃ ଆଚରଣରେ ତିଳମାତ୍ର ଭେଦର ଅଭାବ । ଅଯୋଧାବାସୀଙ୍କ ସବୁଠୁ ପ୍ରିୟପାତ୍ର ସେ । ରୂପରେ କାମଦେବ ମଧ କମ ପଡ଼ିବେ । ସର୍ବଶକ୍ତିମାନ, ସର୍ବଗୁଣସମ୍ପନ୍ନ । ସତ୍ୟନିଷ୍ଠ, ନ୍ୟାୟବାଦୀ । ମହା ଧନୁର୍ଦ୍ଧାରୀ । ତାଡ଼କା ବଧ, ଶିବଧନୁ ଭଙ୍ଗାଦି ତାଙ୍କ ଅସୀମ ଶକ୍ତି ଓ ପରାକାଷ୍ଠାର ପରିଚାୟକ ।

ମହାରାଜ ଦଶରଥ ରଘୁକୁଳର ସୁଯୋଗ୍ୟ ସନ୍ତାନ ରାମଚନ୍ଦ୍ରଙ୍କ ଭିତରେ ନିଜର ପ୍ରତିଛବି ଦେଖିବା ଆରମ୍ଭ କରନ୍ତି । ଜୀବିତାବସ୍ଥାରେ ନିଜ ଜ୍ୟେଷ୍ଠ ପୁତ୍ର ହାତରେ ରାଜ୍ୟଭାର ଅର୍ପଣ କରି ନିଶ୍ଚିନ୍ତ ହେବାର ବିଚାର କରନ୍ତି । ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପାଇଁ ଲାଳାୟିତ ହୁଅନ୍ତି । କୁଳଗୁରୁ ମହର୍ଷି ବଶିଷ୍ଠ , କାଶ୍ୟପ,ବାମଦେବ,ମାର୍କଣ୍ଡେୟ, କାତ୍ୟାୟନ, ଗୌତମ ଓ ଋଷି ଜବାଲୀ ତଥା ବିଶିଷ୍ଟ ବ୍ରାହ୍ମଣ, ମନ୍ତ୍ରୀ ଓ ଉପଦେଷ୍ଟାଙ୍କ ପରାମର୍ଶରେ ରାମଚନ୍ଦ୍ରଙ୍କ ସିଂହାସନାରୋହଣ କାର୍ଯ୍ୟକ୍ରମର ଅନ୍ତିମ ରୂପରେଖ ଦିଅନ୍ତି । କଥାଟି ଏକାନରୁ ସେକାନକୁ ବ୍ୟାପେ । ମନ୍ଥରା ପାଖେ ପହଞ୍ଚେ ।

ମନ୍ଥରା ମହାରାଣୀ କୈକେୟୀଙ୍କ ମନ ମସ୍ତିଷ୍କ ରୂପକ ଭୂଇଁରେ କେଉଁ କାଳରୁ ପରଶ୍ରୀକାତରତା ରୂପକ ମଞ୍ଜି ବପନ କରି ନିତି ପାଣି ସିଞ୍ଚୁଥିଲା । ତାହା ଚାରାରୁ ମହାଦ୍ରୁମ ହୋଇସାରିଥିଲା । ମହାରାଣୀ କୈକେୟୀଙ୍କ ଅହଙ୍କାର ରୂପୀ ଅଗ୍ନିରେ ମନ୍ଥରା ମନ୍ତ୍ରଣା ରୂପୀ ଘୃତାହୁତି ବହ୍ନି ରୂପେ ପ୍ରଜ୍ୱଳିତ ହେବାକୁ ଲାଗିଲା । ପୂର୍ଣ୍ଣାହୁତି ଦେଇ ପୁରଶ୍ଚରଣ ବେଳ ଉପସ୍ଥିତ ଜାଣି ମନ୍ଥରା ମହମହ ମହକିଲା । ଭରତାସୀନ ରାଜ ସିଂହାସନର ଦୃଶ୍ୟ ତାରି ମଥାରେ ଦିନରାତି ଘୁରି ବୁଲିଲା । ମହାରାଣୀ କୈକେୟୀଙ୍କୁ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପ୍ରସଙ୍ଗ ସୁବିସ୍ତାର ବର୍ଣ୍ଣନା କରି ଉତ୍ତେଜିତ କଲା । କୈକେୟୀ ମନ୍ଥରାର ହାତ କଣ୍ଢେଇରେ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇ ସାରିଥିଲେ । ମନ୍ଥରାର ଅଙ୍ଗୁଳି ନିର୍ଦ୍ଦେଶରେ ନାଚୁଥିଲେ । ପାର୍ଟି ଥିଲା ମହାରାଣୀ କୈକେୟୀଙ୍କ, କିନ୍ତୁ କଥା ମନ୍ଥରାର ।

ମହାରାଣୀ ଓ ମନ୍ଥରା ମଧ୍ୟରେ ଚାଲିଲା ମନ୍ଥନ । ତାଙ୍କ ପାଇଁ ତାହା ମାନସ ମନ୍ଥନ । ଅପିତୁ ଅନ୍ୟ ପାଇଁ ମନ୍ଥରା ମନ୍ଥନ, କୁମନ୍ଥନ । ସମୁଦ୍ର ମନ୍ଥନରୁ ସବାଶେଷରେ ଅମୃତର ଉତ୍ପତ୍ତି ହୋଇଥିଲା ଯାହା ଦେବତାଙ୍କୁ ବିଶ୍ୱହିତରେ ଅମରତ୍ୱ ପ୍ରଦାନ କରିଥିଲା । ଏହି ମନ୍ଥନ କେବଳ ହଳାହଳ ବିଷ ଜନ୍ମ କଲା । କଣ୍ଠରେ ଧାରଣ ପାଇଁ କିନ୍ତୁ ନଥିଲେ ନୀଳକଣ୍ଠ । ହଳାହଳ ବିଷ ତୀବ୍ର ଗତିରେ ଧାଇଁଲା ଅଯୋଧା ନରେଶ ଦଶରଥଙ୍କ ନିକଟକୁ ଠିକ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପୂର୍ବରୁ । ମହାରାଣୀ କୈକେୟୀ ମନ୍ଥରା ପ୍ରରୋଚନାରେ ମହାରାଜ ଦଶରଥଙ୍କ ନିକଟରେ ଉପସ୍ଥିତ ହେଲେ । ସ୍ମରଣ କରାଇ କହିଲେ, 'ଦେବାସୁର ଯୁଦ୍ଧରେ ଦେବରାଜ ଇନ୍ଦ୍ର ଆପଣଙ୍କ ସହାୟତା ଲୋଡ଼ିଥିଲେ । ତାଙ୍କୁ ଯୁଦ୍ଧରେ ସାହାଯ୍ୟ କଲାବେଳେ ଆପଣଙ୍କ ସାରଥୀ ମୁଁ ସ୍ୱୟଂ ଥିଲି । ଦୁଇଦୁଇ ଥର ଆପଣଙ୍କ ଜୀବନ ରକ୍ଷା କରିଥିଲି । ଅତ୍ୟନ୍ତ ପ୍ରୀତ ହୋଇ ଆପଣ ଆପଣଙ୍କ ପ୍ରିୟାକୁ ଗୋଟେ ନୁହେଁ ଦିଟି ବର ଯାଚିଥିଲେ । ସମୟ ଆସିଲେ ମାଗିବି ବୋଲି ମୁଁ କହିଥିଲି । ଆଉ ଆପଣ ମୋ କଥା ରଖିଥିଲେ । ଏବେ ସେ ସମୟ ଉପସ୍ଥିତ । ମୋତେ ଦିଟି ବର ଦେଇ କୃତାର୍ଥ କରନ୍ତୁ ।' ଏତକ କହି କୈକେୟୀ ପୁନଃ କହିଲେ, 'ମୋର ପ୍ରିୟ ପୁତ୍ର ଭରତ ଅଯୋଧା ରାଜ୍ୟର ରାଜା ହେବ ଓ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଯିବ, ଏହି ଉଭୟ ବର ପ୍ରଦାନ କରନ୍ତୁ ।' 'କୈକେୟୀଙ୍କ ରୁକ୍ଷ ବାଣୀ ମହାରାଜ ଦଶରଥଙ୍କୁ ଅତ୍ୟନ୍ତ ମର୍ମାହତ କଲା । ବାକରୁଦ୍ଧ ଶୁଷ୍କ ହୋଇଆସିଲା ତାଙ୍କର ଗଳା । ଶରୀର ଚୈତନ୍ୟଶୂନ୍ୟ ପ୍ରାୟ ହେଲା । ମହାରାଜ ଦଶରଥ ଥିଲେ ବଚନବଦ୍ଧ । 'ରଘୁକୁଲ ରୀତ୍ ସଦା ଚଲି ଆୟେ, ପ୍ରାଣ୍ ଯାୟେ ପର୍ ବଚନ ନ ଯାୟେ' ନ୍ୟାୟରେ ଭଙ୍ଗା ହୃଦୟରେ ଅଗତ୍ୟା ଉଭୟ ବର ପ୍ରଦାନ କଲେ । କୈକେୟୀଙ୍କ ଅଭିଳାଷ ପୂର୍ଣ୍ଣ ହେଲା । ମନ୍ଥରାର ଚକ୍ରାନ୍ତ ସଫଳ ହେଲା । ରାମଚନ୍ଦ୍ର ଦେବୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଚଉଦ ବର୍ଷ ବନବାସ ଗଲେ । ତାଙ୍କ ପିତାଙ୍କ ବଚନ ରକ୍ଷା କଲେ ।

ଏବେ କୁହନ୍ତୁ ରାମାୟଣର ପାତ୍ରୀ ମନ୍ଥରା ଜଣେ ନାୟିକା ନା ଖଳନାୟିକା ? ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ବନବାସ ପଠାଇ ସେ ଠିକ କଲା ନା ଭୁଲ ? ରାମ ବନବାସ ନ୍ୟାୟସଙ୍ଗତ ନା ଅନ୍ୟାୟ ?

ମନ୍ଥରା ପ୍ରରୋଚିତ ହୋଇନଥିଲେ ବୋଧେ ମହାରାଣୀ କୈକେୟୀ ମହାରାଜା ଦଶରଥଙ୍କୁ ବର ମାଗିନଥାନ୍ତେ । ରାମଚନ୍ଦ୍ର ଅଯୋଧାର ସିଂହାସନ ଆରୋହଣ କରିଥାନ୍ତେ । ପ୍ରଜା ପାଳିଥାନ୍ତେ । ବନବାସୀ ହୋଇନଥାନ୍ତେ । ରାକ୍ଷସଙ୍କ ଉତ୍ପାତ ବଢ଼ିଥାନ୍ତା । ମୁନି, ଋଷି, ତପସ୍ୱୀ ଅତ୍ୟାଚାରିତ ହୋଇଥାନ୍ତେ । ଦଶାନନ ରାବଣ ନିରଙ୍କୁଶ ଶାସନ କରିଥାନ୍ତା । ତ୍ରିଲୋକରେ ଅନ୍ୟାୟ ବ୍ୟାପିଥାନ୍ତା । ଅନ୍ୟାୟ ଉପରେ ନ୍ୟାୟର, ଅସତ୍ୟ ଉପରେ ସତ୍ୟର, ଅନ୍ଧକାର ଉପରେ ଆଲୋକର ବିଜୟ ହୋଇନଥାନ୍ତା । ବିଷ୍ଣୁଙ୍କ ରାମାବତାରର ଉଦ୍ଦେଶ୍ୟ ସାଧିତ ହୋଇନଥାନ୍ତା । ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ । ନିୟତି ମଧ ନିୟମରେ ବନ୍ଧା । ମନ୍ଥରା କଥା କିଏ ପଚାରେ ? ସେ ବି ତ ନିୟତି ନ୍ୟାୟରେ ବନ୍ଧା ନା ?

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

## ଆଜିର ଚିନ୍ତନ

ସୁଖ ଥାଏ କେଉଁଠି ? ଆଶାରେ, ଅନୁଭବରେ ନା ସ୍ମୃତିରେ । ଦୁନିଆର ପ୍ରତ୍ୟେକ ବ୍ୟକ୍ତି ସୁଖୀ ରହିବାକୁ ଚାହାନ୍ତି । କେହି ଟଙ୍କା ଜମା କରି ସୁଖ ପାଇବାକୁ ଚାହୁଁଛନ୍ତି ତ କେହି ସାଂସାରିକ ଜୀବନ ଭୋଗ କରି ସୁଖ ପାଇବାକୁ ଚାହାନ୍ତି । ଗ୍ରୀକ୍ ଦାର୍ଶନିକ ଡେମୋକ୍ରିଟସ ସର୍ବପ୍ରଥମେ ମନୁଷ୍ୟର ସୁଖାନୁଭୂତିକୁ ବିଶ୍ଳେଷଣ କରି କହିଥିଲେ ଯେ, 'ଏହା ମନୁଷ୍ୟର ସୌଭାଗ୍ୟରୁ କିମ୍ବା ବାହ୍ୟ ପରିସ୍ଥିତିରୁ ପ୍ରାପ୍ତ ହୁଏ ନାହିଁ, ବରଂ ସୁଖାନୁଭୂତି ମନର ଏକ ଅବସ୍ଥା ।' ସୁଖର ଅନୁଭବ ଏକ ଅଭିରୁଚି ପରିଣତି ନୁହେଁ । ଯେ ପର୍ଯ୍ୟନ୍ତ ଜଣେ ଇଚ୍ଛା ନକରିଛି, କୌଣସି ସୁଖ ତାକୁ ସୁଖର ଅନୁଭବ ଦେଇ ପାରିବନି । ତେଣୁ ବାହ୍ୟ ପରିବେଶରୁ ସୁଖର ଅନୁଭବ ଆସେନାହିଁ; ସୁଖର ଉପଲବ୍ଧ ମନ ଭିତରେ ହିଁ ସୃଷ୍ଟି ହୋଇଥାଏ । ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ସୁଖର ମୂଳ ବୀଜ କ'ଣ ? ଯେମିତି ବୀଜ ସେମିତି ଫଳ । ଯେମିତିକି ଆମ୍ବ ଗଛ ଲଗାଇ ତେନ୍ତୁଳି ପାଇ ପାରିବା ନାହିଁ କି ଲଙ୍କା ଗଛ ଲଗାଇ ଆଖୁ ପାଇ ପାରିବା ନାହିଁ ଠିକ୍ ସେହିଭଳି ସୁଖର ଫଳ ପାଇବା ପାଇଁ ସୁଖ ବୀଜ ବୁଣିବାକୁ ପଡ଼ିବ । କିନ୍ତୁ ପ୍ରଶ୍ନ ଉଠୁଛି, ସୁଖର ବୀଜ କିପରି ? ଏହି ପ୍ରଶ୍ନ ଉପରେ ଚିନ୍ତା କରିବା ପୂର୍ବରୁ ଆମକୁ ବୁଝିବାକୁ ହେବ ସୁଖର ଅନେକ ମାଧ୍ୟମ । ଆମର ପ୍ରତ୍ୟେକ ଇନ୍ଦ୍ରିୟର ଅନୁକୂଳ ଏବଂ ପ୍ରିୟ ବସ୍ତୁକୁ ଗ୍ରହଣ କରି ଆମେ ସୁଖୀ ହେବାକୁ ଚାହୁଁଛୁ । କାନରେ ପ୍ରିୟ କଥା ଶୁଣିବାକୁ ଚାହୁଁଛୁ । ଆମେ ଚାହୁଁନାହୁଁ ଯେ ଆମକୁ କେହି ବିରୋଧ କରୁ । ଆମେ ଚାହୁଁ ଅନ୍ୟମାନଙ୍କଠାରୁ ସମ୍ମାନ ପାଉ । ଅନ୍ୟମାନଙ୍କର ବ୍ୟବହାର ଆମ ପ୍ରତି ଭଲ ରହୁ । ଖାଲି ସେତିକି ନୁହେଁ ଆଖି ଆମର ସୁନ୍ଦର ଜିନିଷ ଦେଖିବାକୁ ଚାହୁଁଛୁ । ସ୍ପର୍ଶଦ୍ୱାରା ଆମେ ଆନନ୍ଦଦାୟକ ସୁଖର ଅନୁଭବ କରୁ । ନାକ ଦ୍ୱାରା ଆମେ ସୁଗନ୍ଧିତ ଦ୍ରବ୍ୟର ଅନୁଭବ କରୁଛୁ । ଜିଭ ଦ୍ୱାରା ଆମେ ମଧୁର ସ୍ୱାଦ ଅନୁଭବ କରିବାକୁ ଚାହୁଁଛୁ । ଏସବୁ ଆମ ଇଚ୍ଛା ଦ୍ୱାରା ସୁଖୀ ପ୍ରାପ୍ତ ହୋଇପାରିବ ନାହିଁ । ଏଥିପାଇଁ ଆମକୁ ସୁଖର ବୀଜ ବୁଣିବାକୁ ପଡ଼ିବ । ଏହି ବୀଜକୁ ଜାଣିବାର ସହଜ ସୂତ୍ର ହେଉଛି, ଆମେ ଅନ୍ୟମାନଙ୍କ ସହିତ ଏପରି ବ୍ୟବହାର କରିବା ନାହିଁ, ଯାହା ନିଜକୁ ପ୍ରତିକୂଳ ଅନୁଭବ ହେଉଅଛି । ସୁଖ ଚାହୁଁଥିଲେ ପ୍ରଥମେ ଅନ୍ୟକୁ ଖୁସି ଦେବା ଦରକାର । ସମ୍ମାନ ଚାହୁଁଥିଲେ ପ୍ରଥମେ ଅନ୍ୟକୁ ସମ୍ମାନ ଦେବା ଦରକାର । ଯଦି ନିଜର ହିତ ଚାହୁଁଛନ୍ତି ତେବେ ପରର ହିତସାଧନ କରନ୍ତୁ । ଅର୍ଥାତ୍ ଅନ୍ୟମାନଙ୍କ ପ୍ରତି ଯେପରି ଆଚରଣର ବୀଜ ବୁଣିବା ସେପରି ଫଳ ପାଇବା ।

# ଋତୁ ପରିବର୍ତ୍ତନ ଯୋଗୁଁ ହେଉଥିବା ସମସ୍ୟାର ଘରୋଇ ଉପାୟ

ଋତୁ ପରିବର୍ତ୍ତନ ହେବା ମାତ୍ରେ କାଶ, ସର୍ଦ୍ଦି, ଜ୍ୱର ହେବା ସାଧାରଣ କଥା । ବିଶେଷ କରି ଥଣ୍ଡା ଆସିଲେ ଜଏଣ୍ଟ ପେନ୍, ଗଳା, ଆଖିରେ ବ୍ୟଥା ଇତ୍ୟାଦି ହୋଇଥାଏ । ସେଥିପାଇଁ ଅନେକ ଔଷଧ ସେବନ କରାଯାଏ । କିନ୍ତୁ ଏହି ସବୁ ସମସ୍ୟାକୁ ଘରୋଇ ଉପାୟରେ ମଧ ଠିକ୍ କରାଯାଇ ପାରିବ ।

ଉପରୋକ୍ତ ସ୍ଥିତିରେ ଭେଜିଟେବୁଲ ସୁପ ପିଅନ୍ତୁ । ଏହା ଶରୀରର ଅପର ରେସ୍ପିରେଟରୀ ଇନଫେକ୍ସନକୁ କମ୍ କରିଥାଏ । ଏହା ଏକ ଭାଇରାଲ ଇନଫେକ୍ସନ । ଏହାର ସିଧା ପ୍ରଭାବ ନାକ, ଗଳା, ଶ୍ୱାସନଳୀ ଓ ଫୁସଫୁସରେ ହୋଇଥାଏ । ଲୋ -ସୋଡିୟମ୍ ସୁପ୍ ମଧ ଏକ ଭଲ ନ୍ୟୁଟ୍ରିଏଣ୍ଟ ଓ ଏହା ଶରୀରକୁ ହାଇଡ୍ରେଟ୍ କରିଥାଏ ।

ଶୀତଦିନରେ ଅଦାକୁ ଥଣ୍ଡା ଓ କାଶ ଠିକ୍ କରିବା ପାଇଁ ବ୍ୟବହାର କରାଯାଏ । ଯେ କୌଣସି ଋତୁରେ ମଧ ଅଦା ଉପକାରୀ ହେବ । ଅଦା ଗଳାକୁ ଆରାମ ଦେଇଥାଏ । ସେଥିପାଇଁ କାଶ ହେଲେ ଅଦାକୁ ଛେଚି ପାଣିରେ ଫୁଟାଇ ସେହି ପାଣିକୁ ପିଅନ୍ତୁ । ଅଧ୍ୟୟନ ଅନୁସାରେ ଅଦା ଇମ୍ୟୁନିଟି ବୃଦ୍ଧି କରିଥାଏ ଓ ରୋଗଦାଉରୁ ଶରୀରକୁ ରକ୍ଷା କରେ ।



ଗରମ ପାଣି, ହର୍ବାଲ ଚା, ଫଳର ଜୁସ୍ ବା ଅଦା ପାଣି ରକ୍ତ ସଞ୍ଚାରକୁ ଭଲ କରିଥାଏ । ଏହି ପାନୀୟ ସବୁ ଗଳାକୁ ଶୁଖିବାକୁ ଦିଏ ନାହିଁ ଓ ହାଇଡ୍ରେଟ୍ ରଖେ । ଏସବୁ ଲିକ୍ୱିଡ ତା'ର ବିଶେଷତା ଯୋଗୁଁ ଥଣ୍ଡା, କାଶରୁ ରକ୍ଷା କରିଥାନ୍ତି ।

ମହୁରେ ଆଣ୍ଟିବ୍ୟାକ୍ଟେରିୟଲ ଓ ଆଣ୍ଟିମାଇକ୍ରୋବାଇଲ ଥାଏ । ପ୍ରତ୍ୟେକ ଦିନ ମହୁ ଓ ଲେମ୍ବୁ ପାଣି ପିଇଲେ ଗଳାରେ ହେଉଥିବା ଯନ୍ତ୍ରଣାରୁ ଗରମ ମିଳେ । କାଶ ଦୂର କରିବାରେ ମହୁ ସହାୟକ ହୋଇଥାଏ । ଏକ ବର୍ଷରୁ ଛୋଟ ପିଲାମାନଙ୍କୁ ମହୁ ଦେବା ଉଚିତ୍ ନୁହେଁ । କାରଣ ବେଳେବେଳେ ମହୁରେ ବୋଟୁଲିମନ ବୀଜାଣୁ ଥାଆନ୍ତି ଯାହା ପିଲାମାନଙ୍କର କ୍ଷତି କରିଥାନ୍ତି ।

ଋତୁ ପରିବର୍ତ୍ତନ ଯୋଗୁଁ ହେଉଥିବା ସଂକ୍ରମଣ ଯୋଗୁଁ ନାକ ଓ ଗଳା କୁଣ୍ଡେଇ ହେବା ପରି ଲାଗେ । ତେଣୁ ଷ୍ଟିମ୍ ଦ୍ୱାରା ଏହା ଠିକ୍ ହୋଇ ପାରିବ । ଅଧିକ ଗରମ ପାଣିର ଷ୍ଟିମ ନିଅନ୍ତୁ ନାହିଁ । ଆପଣ ଚାହିଁଲେ ହଟ୍ ସାୱର ମଧ ନେଇ ପାରିବେ ।


ବର୍ଷ ୨୮, ସଂଖ୍ୟା - ୪୩, ୨୭ ଅକ୍ଟୋବର - ୦୨ ନଭେମ୍ବର ୨୦୨୪

# ଓଡ଼ିଶାକୁ ବାତ୍ୟା ବିପତ୍ତି

ଅକ୍ଟୋବର ଆସିଲେ ଉପକୂଳବାସୀଙ୍କୁ ଡରାଉଛି ବାତ୍ୟା । ଆଜିବି ସ୍ମୃତିରୁ ଲିଭିନି ୧୯୯୯ ମହାବାତ୍ୟା । ବିଗତ ୫୭ ବର୍ଷରେ ରାଜ୍ୟବାସୀ ଦେଖୁଲେଣି ୧୫ ବାତ୍ୟା । ବିଶ୍ୱ ତାପାୟନ ପାଇଁ ସମୁଦ୍ରରେ ସୃଷ୍ଟି ହେଉଛି ଝଡ଼ । ଆଉ ତା ଭିତରେ ବିପଦ ପାଲଟିଛି ବଙ୍ଗୋପସାଗର ଉପକୂଳ ଅଞ୍ଚଳ । ଓଡ଼ିଶା ଉପକୂଳର ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲାର ବିସ୍ତୀର୍ଣ୍ଣ ଉପକୂଳ ଅଞ୍ଚଳର ସାମୁଦ୍ରିକ ଝଡ଼ ବାତ୍ୟାର କୋମଳ ନିଶାଣ ପାଲଟିଛି । ଭାରତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ରର ଆକଳନ ଅନୁଯାୟୀ, ଓଡ଼ିଶା ସାମୁଦ୍ରିକ ଉପକୂଳ ଅଞ୍ଚଳ ଅଧିକ ବିପଦ ମୁହାଁ ହୋଇପଡୁଛି । ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆନ୍ତଃରାଜ୍ୟ ପ୍ୟାନେଲର ଷଷ୍ଠ ମୂଲ୍ୟାଙ୍କନ ରିପୋର୍ଟ -୨୦୨୦ ଅନୁଯାୟୀ ଉତ୍ତାପ ବୃଦ୍ଧି କାରଣରୁ କେବଳ ବାତ୍ୟା ନୁହେଁ, ପ୍ରବଳ ବର୍ଷା, ବାରମ୍ବାର ଲଘୁଚାପ ସୃଷ୍ଟି ହେବା ସହିତ ବନ୍ୟା, ସମୁଦ୍ର ଫୁଲିବା ଭଳି ଗୁରୁତର ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି । ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ଗଠିତ ଆନ୍ତଃ ମନ୍ତ୍ରାଳୟ ପ୍ୟାନେଲ ଆଇପିସିର ପଞ୍ଚମ ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୪୮୦ କିଲୋମିଟର ସମୁଦ୍ର ଉପକୂଳ ଅଞ୍ଚଳରେ ବିପଦ ଦେଖାଦେଇଛି । ହେଲେ ସବୁଠାରୁ ଘାତକ ୧୯୯୯ ମହାବାତ୍ୟାକୁ ସାମ୍ନା କରିବା ପରଠାରୁ ଉପକୂଳବାସୀ ବାତ୍ୟାକୁ ସାମ୍ନା କରିବାକୁ ବେଶ୍ ସାହସ ଜୁଟେଇଛନ୍ତି । ୧୯୯୯ ମହାବାତ୍ୟା ଉପକୂଳ ଜିଲାରେ ପ୍ରାୟ ୧୦ ହଜାର ଲୋକଙ୍କ ଜୀବନ ନେଇଥିବା ସରକାରୀ ପରିସଂଖ୍ୟାନ ଦର୍ଶାଇଥିଲେ ହେଁ ବାସ୍ତବ ମୃତ୍ୟୁସଂଖ୍ୟା ତାହାଠୁ ଥିଲା ଯଥେଷ୍ଟ ଅଧିକ । ଏହା ପ୍ରଭାବରେ ବନ୍ଦରନଗରୀ ପାରାଦ୍ୱୀପ ସମେତ କୁଜଙ୍ଗ, ଏରସମା ବ୍ଲକ ଏକପ୍ରକାର ଶ୍ମଶାନ ପାଲଟିଯାଇଥିଲା । ପୂର୍ବ ଆଶଙ୍କା ଓ ସମସ୍ତ ଆକଳନଠାରୁ ଢେର ଗୁଣା ଅଧିକ ପ୍ରଳୟଙ୍କରୀ ରୂପ ନେଇଆସିଥିଲା ମହାବାତ୍ୟା । ପବନର ବେଗ ଘଣ୍ଟାପ୍ରତି ୨୦୦ କିଲୋମିଟରରୁ ଊର୍ଦ୍ଧ୍ୱ ଥିଲା । ସମୁଦ୍ରରେ ଉଠିଥିଲା ୬ରୁ ୮ ମିଟର ଉଚ୍ଚର ସମୁଦ୍ର ଜୁଆର । ମହାବାତ୍ୟାର ୧୪ବର୍ଷ ପରେ ୨୦୧୩ ମସିହା ଅକ୍ଟୋବର ୧୨ରେ ଓଡ଼ିଶା ପୁଣି ଏକ ପ୍ରାକୃତିକ ବିପତ୍ତି ସାମୁଦ୍ରିକ ଝଡ଼ 'ଫାଇଲିନ୍'ର ସମ୍ମୁଖୀନ ହୋଇଥିଲା । ୧୯୯୯ ମହାବାତ୍ୟା ତୁଳନାରେ ମୃତ୍ୟୁ ସଂଖ୍ୟା କମ ଥିଲେ ମଧ ରାଜ୍ୟରେ ଏକାଧିକ ଜିଲାରେ ବ୍ୟାପକ ଭିତ୍ତିଭୂମି ନଷ୍ଟ ହୋଇଥିଲା । ୨୦୧୪ ଅକ୍ଟୋବର ୧୨ରେ ହୁଦହୁଦ ଓଡିଶା ଉପକୂଳରେ ସିଧାସଳଖ ସ୍ଥଳଭାଗ ସ୍ପର୍ଶ ନକରି ପଡୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ସ୍ଥଳଭାଗ ଛୁଇଁବା ପରେ ବ୍ୟାପକ କ୍ଷତି ଘଟାଇଥିଲା । ବାତ୍ୟା ପାଇଁ ପ୍ରାୟ ୪ଲକ୍ଷ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା । ଓଡିଶାର କୋରାପୁଟ ଓ ଗଜପତି ଜିଲା ବିଶେଷ ପ୍ରଭାବିତ ହୋଇଥିଲା । ଏହାର ୪ ବର୍ଷ ପରେ ଅର୍ଥାତ୍ ୨୦୧୮ ରେ ଅକ୍ଟୋବର ୧୧ ତାରିଖରେ ବାତ୍ୟା 'ତିତିଲ' ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ତାଣ୍ଡବ ରଚିଥିଲା । ଉଭୟ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇବା ସହ ପ୍ରାୟ ୬ଲକ୍ଷରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଥିଲା । ଓଡିଶାର ଗୋପାଳପୁର ଏବଂ ଉତ୍ତର ଆନ୍ଧ୍ରର କଳିଙ୍ଗପଟ୍ଟନମରେ ସର୍ବାଧିକ ପ୍ରଭାବ ଅନୁଭୂତ ହୋଇଥିଲା । ଏହାପରେ ବାତ୍ୟା 'ଅମ୍ଫାନ' ମଧ ଓଡିଶା ଓ ପଶ୍ଚିମବଙ୍ଗ ସୀମାବର୍ତୀ ଉପକୂଳରେ ବ୍ୟାପକ କ୍ଷତି ହୋଇଥିଲା । ଉପକୂଳବାସୀ ୧୯୬୭, ୧୯୭୧, ୧୯୮୨ ମସିହା ପରେ ୨୯ ଅକ୍ଟୋବର ୧୯୯୯ ମହାବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ୧୯୭୧ ଅକ୍ଟୋବର ବାତ୍ୟାରେ ସାତଭାୟାର ୭ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା । ପାଞ୍ଚଖଣ୍ଡ ଗାଁ ସମୁଦ୍ରରେ ବିଲୀନ ହୋଇଥିଲା । ସାରା ଓଡ଼ିଶାରେ ଏହି ବାତ୍ୟାରେ ୧୧ ହଜାର ଲୋକ ପ୍ରାଣ ହରାଇଥିଲେ । ୨୦୧୯ ମେ ୩ ତାରିଖରେ ବାତ୍ୟା 'ଫଣି' ପୁରୀ ଜିଲ୍ଲାରେ ସ୍ଥଳଭାଗ ଛୁଇଁବାରୁ ବ୍ୟାପକ କ୍ଷତି ଘଟାଇଥିଲା । ଆଗୁଆ ସୂଚନା ଓ ପ୍ରସ୍ତୁତି ଯୋଗୁଁ ଜୀବନହାନୀକୁ ରୋକାଯାଇପାରିଥିଲେ ହେଁ ବିଜୁଳି, ବାସଗୃହ, ଦୂରସଂଚାର, ପାନୀୟ ଜଳ ଭିତ୍ତିଭୂମି ଭୂଲୁଣ୍ଠିତ ହୋଇପଡିଥିଲା । ପୁରୀ, କଟକ, ଖୋର୍ଦ୍ଧା ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ୨୦୧୯ ନଭେମ୍ବର ୯ରେ ବୁଲବୁଲ୍, ୨୦୨୦ମେ ୧୯ରେ ଅମ୍ଫାନ, ୨୦୨୧ ମେ ୨୬ରେ ୟସ୍ ୨୦୨୧ ନଭେମ୍ବର ୨୬ରେ ଗୁଲାବ, ୨୦୨୧ ଡ଼ିସେମ୍ବର ୪ରେ ଜ୍ୱାଦ୍ ଏବଂ ୨୦୨୨ ଅକ୍ଟୋବର ୨୪ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା ବାତ୍ୟା ସିତ୍ରରଙ୍ଗ । ସେହିଭଳି ୨୦୨୩, ଡିସେମ୍ବର ୨ରେ ବାତ୍ୟା ମିଥ୍ୟାଉଙ୍ଗ ଆସିଥିଲେ ମଧ ଓଡ଼ିଶା ଉପକୂଳରେ ଏହାର ପ୍ରଭାବ ବିଶେଷ ପଡି ନଥିଲା । ବଙ୍ଗୋପସାଗରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବଳୟ ଦିନକୁ ଦିନ ଘାତକ ସାଜୁଛି । ଭାରତ, ବାଂଲାଦେଶ ଏବଂ ମିଆଁମାର ଭଳି ଉପକୂଳବର୍ତ୍ତୀ ଦେଶ ପାଇଁ ଏହା ଚିନ୍ତାର କାରଣ ପାଲଟିଛି । ପୃଥିବୀରେ ସୃଷ୍ଟି ହୋଇଥିବା ଘାତକ ୧୦ଟି ବାତ୍ୟା ମଧ୍ୟରୁ ୮ଟି କେବଳ ବଙ୍ଗୋପସାଗରରେ ହୋଇଛି । ୧୯୭୦ ମହାବାତ୍ୟା 'ଭୋଲା' ବାଂଲାଦେଶରେ ଲକ୍ଷାଧିକ ଲୋକଙ୍କ ଜୀବନ ନେଇଥିଲା । ପୃଥିବୀରେ ବାତ୍ୟା ଜନିତ ଜୀବନହାନୀର ୮୦ ଭାଗ କେବଳ ବଙ୍ଗୋପସାଗରର ବାତ୍ୟା ନେଇଛି । ତେବେ ଧନଜୀବନହାନୀ ଲାଗି ଉପକୂଳବର୍ତ୍ତୀ ଇଲାକାରେ ଯେଉଁ ବାତ୍ୟା ନିରୋଧୀ ଭିତ୍ତିଭୂମି ଯଥା- ଭୂତଳ କେବୁଲରେ ବିଜୁଳି ଯୋଗାଣ, ପକ୍କା ଘର, ବ୍ୟାପକ ବନୀକରଣ, ସୁଦୃଢ଼ ଦୂରସଂଚାର ଭିତ୍ତିଭୂମି ଆଦି ନିର୍ମାଣର ଆବଶ୍ୟକତା ରହିଛି, ତାହା ଆଜି ବି ସାମୁଦ୍ରିକ ଝଡ଼ ସମ୍ମୁଖୀନ ହେଉଥିବା ରାଜ୍ୟ ତଥା ଦେଶ ସମ୍ପୂର୍ଣ୍ଣପ୍ରସ୍ତୁତ କରିବାରେ ସେତେଟା ସଫଳ ହୋଇପାରି ନାହାନ୍ତି ।

# ଧର୍ମ ଉପରେ ଆଧାରିତ ଓ ମୂଳ ସିଦ୍ଧାନ୍ତ

**ମହାତ୍ମା ଗାନ୍ଧୀ**



ମୁଁ ଏପରି ନିବେଦନ କରିବାକୁ ସାହସ କରୁଛି ଯେ, ଭଗବଦଗୀତା ହେଉଛି ଅନ୍ଧକାରର ଶକ୍ତି ଏବଂ ଆଲୋକର ଶକ୍ତି ମଧରେ ଲାଗିଥିବା ଅସହଯୋଗର ଏକ ସନ୍ଦେଶ । ଯଦି ଆକ୍ଷରିକ ଭାବରେ ତାହାର ଅର୍ଥ କରିବାକୁ ହୁଏ, ତେବେ ଏଥିରେ ଏକ ନ୍ୟାୟୋଚିତ ଲକ୍ଷ୍ୟର ପ୍ରତିନିଧିତ୍ୱ କରୁଥିବା ଅର୍ଜୁନ ଅନ୍ୟାୟ ଆଚରଣ କରୁଥିବା କୌରବମାନଙ୍କ ସହିତ ରକ୍ତାକ୍ତ ଯୁଦ୍ଧରେ ଯୋଗ ଦେବାଲାଗି ଆଦିଷ୍ଟ ହୋଇଥିଲା ବୋଲି କୁହାଯାଇ ପାରିବ । ତୁଳସୀଦାସ ସନ୍ଥକୁ ଅସନ୍ଥଠାରୁ ଦୂରରେ ରହିବା ଲାଗି ପରାମର୍ଶ ଦେଇଛନ୍ତି । ଓର୍ମଜୁଦ ଏବଂ ଅହ୍ରିମାନଙ୍କ ମଧରେ ନିରନ୍ତର ଯୁଦ୍ଧ ଲାଗିରହିଛି ଏବଂ ଆଦୌ କୌଣସି ସ୍ଥାୟୀ ମୀମାଂସା କିମ୍ବା ସାଲିସ୍ ହୋଇପାରୁ ନାହିଁ, ଜେଣ୍ଡ ଆଭେସ୍ତା ଗ୍ରନ୍ଥରେ ତାହାରି ପ୍ରତୀକାତ୍ମକ ବର୍ଣ୍ଣନା କରାଯାଇଛି । ବାଇବେଲରେ ଅସହଯୋଗକୁ ନିଷିଦ୍ଧ କରାଯାଇଛି ବୋଲି କହିବାର ଅର୍ଥ ହେଉଛି ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଆପଣାର ଅଜ୍ଞତାର ପରିଚୟ ଦେବା ଯୀଶୁଖ୍ରୀଷ୍ଟ ତ ନିଷ୍କ୍ରିୟ ପ୍ରତିରୋଧର ଜଣେ ଭବ୍ୟ ଦୃଷ୍ଟାନ୍ତ ହୋଇ ରହିଥିଲେ, ଯିଏକି ଆଦୌ କୌଣସି ସାଲିସ୍ ନ କରି ସାଡିଉସୀ ଏବଂ ଫରାସୀମାନଙ୍କର ଶକ୍ତିର ପ୍ରତିବାଦ କରିଥିଲେ ଏବଂ ସତ୍ୟର ପ୍ରତିପାଦ ନିମନ୍ତେ ପୁତ୍ରମାନଙ୍କୁ ସେମାନଙ୍କର ପିତାମାତାଙ୍କ ଠାରୁ ବିଭାଜିତ କରିଦେବାକୁ ମଧ କୌଣସି କୁଣ୍ଠା କରି ନ ଥିଲେ । ଇସ୍‌ଲାମ୍ ଧର୍ମର ପୈଗମ୍ବର୍ କ'ଣ କରିଥିଲେ ? ଆପଣାର ଜୀବନ ବିପନ୍ନ ନହେବା ପର୍ଯ୍ୟନ୍ତ ସେ ଅତ୍ୟନ୍ତ ସକ୍ରିୟଭାବରେ ମକ୍କାରେ ଅସହଯୋଗ ହିଁ କରିଥିଲେ ଏବଂ ସେ ଏବଂ ତାଙ୍କର ଅନୁଗାମୀମାନଙ୍କୁ ହୁଏତ ବୃଥା ବିଲୁପ୍ତ ହୋଇଯିବାକୁ ହେବ ବୋଲି ଜାଣିବାକୁ ପାଇବା ମାତ୍ରକେ ମକ୍କାର ଧୂଳିକୁ ଆପଣାର ପାଦରୁ ଝାଡିଦେଇ ମଦିନାକୁ ଚାଲି ଯାଇଥିଲେ । ନିଜର ପ୍ରତିପକ୍ଷମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଯଥେଷ୍ଟ ପରିମାଣରେ ଶକ୍ତିଶାଳି ହୋଇ ସେ ପୁନର୍ବାର ମକ୍କା ପ୍ରତ୍ୟାବର୍ତ୍ତନ କରିଥିଲେ । ନ୍ୟାୟରେ ଚାଲୁଥିବା ଶକ୍ତି ଏବଂ ଶାସକମାନଙ୍କ ସହିତ ସହଯୋଗ କରିବାର କର୍ତ୍ତବ୍ୟ ବିଷୟରେ ସକଳ ଧର୍ମରେ ଯେପରି ନିର୍ଦ୍ଦେଶ ଦିଆଯାଇଛି, ଅନ୍ୟାୟରେ ଚାଲୁଥିବା ବ୍ୟକ୍ତି ଏବଂ ଶାସକମାନଙ୍କ ସହିତ ଅସହଯୋଗ କରିବାର କର୍ତ୍ତବ୍ୟ ବିଷୟରେ ମଧ ସେପରି କଠୋର ଭାବରେ ନିର୍ଦ୍ଦେଶ ଦିଆଯାଇଛି । ବସ୍ତୁତଃ, ପୃଥିବୀର ଅଧିକାଂଶ ଧର୍ମଗ୍ରନ୍ଥ ଅସହଯୋଗ ଠାରୁ ମଧ ସତେଅବା ଆହୁରି ଆଗକୁ ଚାଲିଯାଇ କୌଣସି ଅନ୍ୟାୟ ସମ୍ମୁଖରେ ବୀର୍ଯ୍ୟଶୂନ୍ୟ ହୋଇ ଠିଆ ହେବା ଅପେକ୍ଷା ହିଂସାକୁ ଶ୍ରେୟସ୍କର ବୋଲି ଘୋଷଣା କରିଛନ୍ତି । ହିନ୍ଦୁ ଧର୍ମ ପରମ୍ପରା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅସହଯୋଗର କର୍ତ୍ତବ୍ୟଟିକୁ ପ୍ରତିପାଦିତ କରୁଛି । ପ୍ରହ୍ଲାଦ ଆପଣାର ପିତାଠାରୁ ସମସ୍ତ ସମ୍ପର୍କ ଛିନ୍ନ କରିଛି, ମୀରାବାଇ ନିଜ ସ୍ୱାମୀଙ୍କୁ ଛାଡିଛନ୍ତି ଏବଂ ବିଭୀଷଣ ନିଜ ନୃଶଂସ ଭାଇଠାରୁ ଅଲଗା ହୋଇ ଯାଇଛନ୍ତି । ଅହିଂସାର ପ୍ରୟୋଗ ଯେଉଁ ମୂଳ ସିଦ୍ଧାନ୍ତଟି ଉପରେ ଛିଡ଼ା ହୋଇଛି, ତାହା ହେଉଛି, ନିଜ ପାଇଁ ଆମେ ଯାହାକୁ ଠିକ୍ ବୋଲି କହିବା, ସମସ୍ତ ବିଶ୍ୱଲାଗି ମଧ ଆମକୁ ତାହାକୁ ହିଁ ଠିକ୍ ବୋଲଇ ମାନିନେବାକୁ ହେବ । ମୂଳତଃ ସମଗ୍ର ମାନବଜାତି ହେଉଛି ଅଭିନ୍ନ । ତେଣୁ, ଯାହା ମୋ' ପାଇଁ ସମ୍ଭବ, ତାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ମଧ ସମ୍ଭବ । ମୂଳତଃ ଏହା ହିଁ ହେଉଛି ଅହିଂସ ଅସହଯୋଗର ସିଦ୍ଧାନ୍ତ । ତେଣୁ ସେଥିରୁ ଏହା ହିଁ ପ୍ରତିପାଦିତ ହେଉଛି ଯେ, ଭଲ ପାଇବାରେ ହିଁ ତାହାର ଚେରଟି ନିହିତ ହୋଇ ରହିଛି । ପ୍ରତିପକ୍ଷକୁ ଶାସ୍ତିଦେବା ଅଥବା ତା' ଉପରେ କୌଣସି ଆଘାତ ପହଞ୍ଚାଇବା ଏହାର ଉଦ୍ଦେଶ୍ୟ ନୁହେଁ । ଏପରିକି ତା' ସହିତ ଅସହଯୋଗ କରୁଥିବା ସମୟରେ ମଧ, ଆମ ଭିତରେ ତା' ଲାଗି ବନ୍ଧୁଟିଏ ହିଁ ରହିଛି, ସିଏ ଏହିପରି ଅନୁଭବ କରି ପାରିବା ନିମନ୍ତେ ଆମର ଆବଶ୍ୟକ ସବୁକିଛି କରିବା ଉଚିତ ଏବଂ ଯେତେବେଳେ ସମ୍ଭବ, ମାନବୋଚିତ ସେବାଚରଣ ଦ୍ୱାରା ତା'ର ହୃଦୟ ମଧରେ ପ୍ରବେଶ କରିବା ନିମନ୍ତେ ଆମର ପ୍ରୟାସ ମଧ କରିବା ଉଚିତ । ଏକ ଅହିଂସ ସଂଗ୍ରାମରେ ପଶ୍ଚାଦଭାଗରେ ଆଦୌ କୌଣସି ବିଦ୍ୱେଷ ରହିବ ନାହିଁ ଏବଂ ପରିଶେଷରେ ଶତ୍ରୁମାନେ ବନ୍ଧୁରେ ହିଁ ପରିଣତ ହେବେ ବସ୍ତୁତଃ ଏହା ହିଁ ହେଉଛି ଅହିଂସାର ଅସଲ ପରୀକ୍ଷା । ଜେନାରେଲ ସ୍ମଟସଙ୍କ କ୍ଷେତ୍ରରେ ମୋ'ର ଠିକ୍ ସେହି ଅଭିଜ୍ଞତା ହୋଇଥିଲା । ଆରମ୍ଭରେ ତ ସେ ମୋ'ର କଠୋରତମ ବିପକ୍ଷ ଏବଂ ସମାଲୋଚନାକାରୀ ହୋଇ ରହିଥିଲେ । ଆଜି ମୋ'ର ଜଣେ ସବୁଠାରୁ ଅଧିକ ସ୍ନେହୀ ବନ୍ଧୁରେ ପରିଣତ ହୋଇଛନ୍ତି ।

# ଧନ୍ ତେରଶ୍


## ଡକ୍ଟର ନାମଯଜ୍ଞ ମିଶ୍ର

କାର୍ତ୍ତିକ ମାସ କୃଷ୍ଣ ତ୍ରୟୋଦଶୀ ଦିନକୁ କହନ୍ତି 'ଧନ୍‌ତେରଶ୍ ବା ଧନଦାତ୍ରୟୋଦଶୀ । ଏହି ଦିନ ସୁନା, ରୂପା, ହୀରା ନୀଳାଦି ଧାତୁ ଦ୍ରବ୍ୟ ବା ରତ୍ନ କ୍ରୟ କରି ଶାମୁକାରେ ରଖି ଦୀପାବଳୀ ଦିନ ଲକ୍ଷ୍ମୀଙ୍କର ପୂଜନ କଲେ ମହାଲକ୍ଷ୍ମୀ ବର୍ଷଯାକ ଅଜସ୍ର ଧନରତ୍ନ ଦେଇ ସୁଖ ସୌଭାଗ୍ୟ ପ୍ରଦାନ କରନ୍ତି ବୋଲି ଲୋକ ବିଶ୍ୱାସ ରହିଅଛି । ଏ ସମ୍ବନ୍ଧରେ ଏକ ସୁନ୍ଦର ଲୋକକଥା ଥିବା ଜଣାଯାଏ ।

ଭଗବାନ ବିଷ୍ଣୁଥରେ ମର୍ତ୍ତ୍ୟ ଭ୍ରମଣରେ ବାହାରିବାରୁ ମାଆ ଲକ୍ଷ୍ମୀ ତାଙ୍କ ସହ ଯିବାକୁ ଅଳି କଲେ । ପ୍ରଭୁ ବିଷ୍ଣୁ ତାଙ୍କୁ ସଂଗରେ ନେଇ ଗରୁଡ ପୃଷ୍ଠରେ ବିଜେ କଲାବେଳେ କହିଲେ ସାବଧାନ । ଗରୁଡ଼ ପୃଷ୍ଠରେ ଉଡି ଯାଉଥିବା ବେଳେ କୌଣସି ଠାରେ ଓହ୍ଲାଇବାକୁ କଟାଳ କରିବ ନାହିଁ କିମ୍ବା ମର୍ତ୍ତ୍ୟରେ କୌଣସି ବସ୍ତୁ ସଂଗରେ ଆଣିବାକୁ କହିବ ନାହିଁ । ଏପରି ହେଲେ ମର୍ତ୍ତ୍ୟମାୟାରେ ପଡି ତୁମେ ଏକବର୍ଷ ପର୍ଯ୍ୟନ୍ତ ବୈକୁଣ୍ଠକୁ ଫେରି ପାରିବ ନାହିଁ । ଗରୁଡ଼ ପୃଷ୍ଠରେ ଯାଉଁ ଯାଉଁ ଏକ ସୋରିଷ କ୍ଷେତ ପଡିଲା । କ୍ଷେତ୍ରଟିରେ ସୋରିଷ ଫୁଲ ଫୁଟି ଚତୁର୍ଦ୍ଦିଗରେ ସୁନେଲି ରଂଗ ଝଲମଲ କରୁଥାଏ । ସୋରିଷ ଫୁଲର ଅପୂର୍ବ ଶୋଭା ଦେଖି ମହାଲକ୍ଷ୍ମୀ ମୁଗ୍ଧ ହୋଇ ପ୍ରଭୁଙ୍କୁ ସେଠାରେ ଅବତରଣ କରିବାକୁ ନିବେଦନ କଲେ । ସୋରିଷ କ୍ଷେତରେ ଓହ୍ଲାଇ ମା' ଲକ୍ଷ୍ମୀ ସୋରିଷ ଫୁଲ ତୋଳି ଗଭାରେ କାନିରେ ଭୂଷିତା ହେଲେ ଓ ଆନନ୍ଦରେ ନୃତ୍ୟ କରିବାରେ ଲାଗିଲେ । ଭଗବାନ ବିଷ୍ଣୁ କିନ୍ତୁ ବିଷାଦ ହୋଇ କହିଲେ । ମହାଲକ୍ଷ୍ମୀ । ତୁମେ ମର୍ତ୍ତ୍ୟମାୟା ଗ୍ରସ୍ତ ହୋଇଗଲ । ଏଇଠି ଥାଅ, ବର୍ଷେ ପରେ ଯାଇ ବୈକୁଣ୍ଠକୁ ଶୁଭବନକୁ ଫେରି ପାରିବ । ଏହା କହି ଶ୍ରୀ ବିଷ୍ଣୁ ଲକ୍ଷ୍ମୀଙ୍କୁ ଛାଡି ଗରୁଡ଼ ପୃଷ୍ଠରେ ବସି ଚାଲିଗଲେ । ମାଁ ଲକ୍ଷ୍ମୀ କିନ୍ତୁ ନିର୍ବିକାର । ସେ ସୋରିଷ କ୍ଷେତରେ ନାଚି କୁଦି ବୁଲୁଥାନ୍ତି । କିଛି ସମୟ ପରେ ସେଇ ସୋରିଷ କ୍ଷେତର ମାଲିକ ଆସି ପହଞ୍ଚି ଦେଖିଲା ଜଣେ ଅପୂର୍ବ ନାରୀ ତା ସୋରିଷ କ୍ଷେତରେ ନାଚି କୁଦି ବୁଲୁଛନ୍ତି । ଚାଷୀଟି ଥିଲା ବୃଦ୍ଧଟିଏ ସେ ହାଁ ହାଁ କହି ଲକ୍ଷ୍ମୀଙ୍କୁ ପଚାରିଲା, ମାଆ, ତମେ କିଏ ? କାହିଁକି ମୋ କ୍ଷେତ ଉଜାଡି ଦେଉଛ ? ମୁଁ ସାମାନ୍ୟ ଚାଷୀ ଟିଏ । ଘରେ ମୋର ସ୍ତ୍ରୀ ପକ୍ଷାଘାତରେ ପଡି ରହିଛି । ପୁଓ ଝିଅ ସାନ ସାନ କେହି ସାହାଯ୍ୟ କରିବାକୁ ନାହିଁ । ସେମାନଙ୍କ ଯତ୍ନ ଗାଈ ବଳଦ କଥା ବୁଝିଲା ପରେ କ୍ଷେତକୁ ଆସି ଏ ସୋରିଷ ଚାଷ କରିଥିଲି । ସୋରିଷ ବିକି ସେମାନଙ୍କ ମୁହଁରେ ଆହାର ଦେବି ବୋଲି । ମାତା ଲକ୍ଷ୍ମୀ ମର୍ତ୍ତ୍ୟ ମାୟା ଯୋଗୁଁ ଦିବ୍ୟରୂପ ରୁ ସାଧାରଣ ଏକ ଯୁବତୀ ପାଲଟି ଯାଇଥିଲେ । ସେ କହିଲେ ମଉସା । ବିନା ଦୋଷରେ ମୋ ସ୍ୱାମୀ ମୋତେ ଏଠି ଛାଡି ଚାଲିଯାଇଛନ୍ତି । ଆଜିଠୁଁ ମୁଁ ଆପଣଙ୍କ ଝିଅ ହୋଇ ରହିବି । ଚାଷୀ ଓ ଘର କାମରେ ସାହାଯ୍ୟ କରି ଆପଣଙ୍କ ଦାରିଦ୍ର୍ୟ ଦୂର କରିବି । ଏହା ପରେ ଚାଷୀଟି ଝିଅଟିର ଦୁଃଖକଥା ଶୁଣି ତାକୁ ନିଜ ଝିଅ କରି ଘରକୁ ନେଲା । ଆଶ୍ଚର୍ଯ୍ୟର କଥା, ମାତା ଲକ୍ଷ୍ମୀ ଚାଷୀ ଘରକୁ ପ୍ରବେଶ କରିବା ମାତ୍ରକେ ତାର ଦୀର୍ଘ ଦିନ ଧରି ପକ୍ଷାଘାତ ଗ୍ରସ୍ତ ଥିବା ପତ୍ନୀ ସୁସ୍ଥ ହୋଇ ଉଠି ପଡି ଝିଅ ବୋଲି ତାଙ୍କୁ ସ୍ୱାଗତ କଲା । ବାଂଝ ଗାଈ ସୁନ୍ଦର ବାଛୁରୀ ଟିଏ ପ୍ରସବ କଲା । ବୁଢ଼ା ଚାଷୀଟି ଗାଈ ଦୁହିଁ କ୍ଷୀର ଆଣି ପ୍ରଥମେ ଲକ୍ଷ୍ମୀଙ୍କୁ ଓ ପରେ ଅନ୍ୟମାନଙ୍କୁ ପିଇବାକୁ ଦେଲା । ଚାଷୀର ଘରେ ଅଚାନକ ଖାଦ୍ୟଦ୍ରବ୍ୟ ଆସି ପୁରି ଗଲା । ମାଁଙ୍କର ଗଭାରେ ଥିବା ସୋରିଷ ଫୁଲ ସ୍ୱର୍ଗର ପାରିଜାତ ଫୁଲଭଳି ବାସି ଘର ମହକାଇ ଦେଲା । ବର୍ଷେ ପର୍ଯ୍ୟନ୍ତ ମହାଲକ୍ଷ୍ମୀ ଚାଷୀଘରେ ରହି ଚାଷୀଟିକୁ ଚାଷର ସହାୟତା କରିବାରୁ ଧନଧାନ୍ୟରେ ଘର ପୁରି ଉଠିଲା । ଚାଷୀଟିର ଦେହରେ ନବବଳ ସଂଚାଇ ହୋଇ ସୁସ୍ଥ ହେଲା । କ୍ଷେତରେ ହଳକଲାବେଳେ ଗୁପ୍ତଧନ ପାଇ ଚାଷୀଟିର ପତ୍ର କୁଡିଆ ଟି ବିରାଟ ପକ୍କାଘରରେ ପରିଣତ ହେଲା । ଚାଷୀ ଓ ତା ସ୍ତ୍ରୀ ଆନନ୍ଦମନରେ ଲକ୍ଷ୍ମୀ ମାତାଙ୍କର ଯତ୍ନ ଚାହୁଁ ଚାହୁଁ ବର୍ଷେ ପୁରି ପୁଣି ଆସିଲା କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ । ଏ ଦିନ ଦେବୀ ମାୟାମନୁଷ୍ୟ ରୂପ ଛାଡି ନିଜ ଦିବ୍ୟ ରୂପରେ ଦେଖା ଦେବାରୁ ଚାଷୀଟି ଆଚମ୍ବିତ ହୋଇ ପାଦତଳେ ପଡି କହିଲା, ମାଁ ତମେ କିଏ ? ମୁଁ ନିଜ ଝିଅ ଭାବି ଦୋଷ କରିଛି କ୍ଷମା କର । ମହାଲକ୍ଷ୍ମୀ ନିଜର ପରିଚୟ ଓ ସବୁ କଥା କହି କହିଲେ ଆଜି ଶ୍ରୀ ବିଷ୍ଣୁ ମୋତେ ନେବାକୁ ଆସିବେ । ତୁମ ସେବା ଯତ୍ନରେ ମୁଁ ସନ୍ତୁଷ୍ଟ । ତୁମେ ମୋର ପିତା ମାତା ହୋଇ ପାଳିଛ । ମୁଁ ତୁମକୁ କିଛି ଦେବାକୁ ଚାହେଁ । ଏହା କହି ମାତା ଚାରୋଟି ଶାମୁକା ଦେଇ କହିଲେ । ଏ ଶାମୁକା ନେଇ ତା ଉପରେ ଯେ କୌଣସି ଧାତୁ ବା ରତ୍ନ ରଖି ଏହି ଦିନ ପୂଜା କଲେ ମୁଁ ଆସି ଯାହା ମାଗିବ ଦେବି । ଆଜି ଠାରୁ ଏହି ଧନତେରଶ ଦିନ ଯିଏ ଧାତୁ ଆଦି ଦ୍ରବ୍ୟ ଶାମୁକାରେ ରଖି ମୋତେ ପୂଜା କରିବ ସେ ଧନ ଜନରେ ସୁଖି ହେବ ।

**ବରପାଲିପଡ଼ା, ବଲାଙ୍ଗୀର**

# ସ୍ୱର୍ବେଦ




**ବିନା ଜ୍ଞାନ ଭକ୍ତି କରେ, ସୋ ଅନ୍ଧା ଜଗ ଜୀଓ୍ୱ ।**
**ଭକ୍ତି ତତ୍ତ୍ୱ ନହିଁ ସମଝ ହୈଁ, କ୍ୟୌଁା କର ପାଓ୍ୱେ ପୀଓ୍ୱ ॥୨୫॥**

ଭାଷ୍ୟ - ସଂସାରୀ ଜୀବ ବିନା ଜ୍ଞାନରେ ଭକ୍ତି କରିଥାନ୍ତି କାହିଁକି ନା ସେ ସମସ୍ତେ ଅନ୍ଧକାରରେ ଅଛନ୍ତି । ସେମାନଙ୍କ ପାଇଁ ଭକ୍ତି କେଉଁ ପଦାର୍ଥ ଅଟେ ? ଯାହାର ବିବେକ ନାହିଁ ସେ କିପରି ପ୍ରଭୁଙ୍କୁ ପାଇ ପାରିବ ।

**ପୂର୍ଣ୍ଣ ଜ୍ଞାନ କେ ଉଦୟ ମେଁ, କର୍ମ ଭକ୍ତି ସବ ହୋୟ ।**
**ବିନା ଜ୍ଞାନ ସବ ଭ୍ରମ ହୈଁ, ଧୋଖା ଜୀଓ୍ୱନ ସୋୟ ॥୨୬॥**

ଭାଷ୍ୟ - ପୂର୍ଣ୍ଣଜ୍ଞାନ ହେବା ପରେ ହିଁ କର୍ମ ଅଥବା ଭକ୍ତି ପୂର୍ଣ୍ଣ ରୂପରେ ହୋଇଥାଏ । ଜ୍ଞାନ ବିନା ଜୀବନ ସମ୍ପୂର୍ଣ୍ଣ ଭାବରେ ଭ୍ରମ ଏବଂ ଛଳନାମୟ ଅଟେ ।

**ଜ୍ଞାନ ତୀବ୍ର ଓ୍ୱୈରାଗ୍ୟ ହୈଁ, ଭକ୍ତି ସହାୟକ ଜାନ ।**
**ସୋ ଅନନ୍ୟ ପ୍ରଭୁ ଭକ୍ତ ମେଁ, ଭକ୍ତି ସକଲ ଗୁଣ ଖାନ ॥୨୭॥**

ଭାଷ୍ୟ - ତୀବ୍ର ଜ୍ଞାନ ଆଉ ବୈରାଗ୍ୟ ଭକ୍ତିର ସହାୟକ ଅଟନ୍ତି । ସମସ୍ତ ଗୁଣ ସହ ଯୁକ୍ତ ପୂର୍ଣ୍ଣ ଜ୍ଞାନ, ବୈରାଗ୍ୟବାନ ପ୍ରଭୁଭକ୍ତଙ୍କୁ ମିଳେ ।

**ନାମ ଭକ୍ତି ପର ଶ୍ରେଷ୍ଠ ହୈଁ, ଚିନ୍ତାମଣି ପରକାଶ ।**
**ବାହ୍ୟାଭ୍ୟନ୍ତର ଦେଖଇ, ରୂପ ଅନୂପ ଓ୍ୱିକାଶ ॥୨୮॥**

ଭାଷ୍ୟ - ସତ୍‌ପୁରୁଷଙ୍କୁ ନାମ କହନ୍ତି । ସେହି ସତ୍‌ପୁରୁଷଙ୍କର ଭକ୍ତି ସର୍ବଶ୍ରେଷ୍ଠ ଅଟେ । ନାମରୂପୀ ମଣିର ପ୍ରକାଶରେ ବାହାର ଏବଂ ଭିତର ସବୁ ପ୍ରତ୍ୟକ୍ଷ ହୋଇଯାଏ ଆଉ ଅନୁପମ ପ୍ରକାଶର ପ୍ରାପ୍ତି ହୁଏ । ସେହି ନାମ ମଣି ପ୍ରକାଶର ଚିନ୍ତନ ଏବଂ ମନନ ନିଷ୍କାମ ଭକ୍ତ କରିଥାନ୍ତି ।

**ପ୍ରଭୁ କୋ ପ୍ୟାରା ଭକ୍ତ ହୈଁ, ଭକ୍ତ କୋ ଜୀଓ୍ୱନ ନାମ ।**
**ଭକ୍ତ ଭକ୍ତି ମେଁ ଲୀନ ହୈଁ, ଔର ନ ଦୂସର କାମ ॥୨୯॥**

ଭାଷ୍ୟ - ପ୍ରଭୁଙ୍କର ପ୍ରିୟ ଭକ୍ତ ଅଟେ ଏବଂ ଭକ୍ତର ଜୀବନ ପ୍ରିୟ ନାମ, ସତ୍‌ପୁରୁଷ ଅଟେ । ପ୍ରଭୁଭକ୍ତ ସର୍ବଦା ନିଜର ପ୍ରିୟ ଜୀବନ ନାମର ଭକ୍ତିରେ ଲାଗି ରହିଥାଏ ଆଉ ତା ପାଖରେ ଏତଦ୍‌ଭିନ୍ନ ଅନ୍ୟ କୌଣସି କାର୍ଯ୍ୟ ନ ଥାଏ ।

**ଭକ୍ତି ପ୍ରତାପ ସୋ ଜାନଈ, ଜେହି ପର କୃପା ଅପାର ।**
**ଭକ୍ତନ କେ ପ୍ରଭୁ ଓ୍ୱଶ ରହେ, ୟହ ମତ ହୈଁ ତତ୍ତ୍ୱ ସାର ॥୩୦॥**

ଭାଷ୍ୟ - ଭକ୍ତିର ମହାନ ପ୍ରତାପକୁ ସେ ହିଁ ଜାଣନ୍ତି ଯେଉଁ ଭକ୍ତ ଉପରେ ପ୍ରଭୁଙ୍କର ଅପାର କରୁଣା ରହିଥାଏ । ପ୍ରଭୁ ଭକ୍ତମାନଙ୍କର ବଶରେ ରହିଥାନ୍ତି, ଏହା ଅନୁଭବୀ ଏବଂ ଅନନ୍ୟଶରଣ ଭକ୍ତର ସତ୍ୟ ବିଚାର ଅଟେ ।

**ଜ୍ଞାନ ବୋଧ ବିନୁ ଭକ୍ତି ନହୀଁ, ଗିରୈଁ ଭ୍ରମ ପଥ ଜାହିଁ ।**
**ନୟନନ ପଟ୍ଟୀ ବାଁଧି କର, ଚଲେଁ ଅନ୍ଧେରେ ମାହିଁ ॥୩୧॥**

ଭାଷ୍ୟ - ଆଖିରେ ପଟି ବାନ୍ଧି ଯେମିତି କେହି ଅନ୍ଧାରରେ ଚାଲିଲେ ପଥଭ୍ରଷ୍ଟ ହୁଏ ସେମିତି ଜ୍ଞାନ ଏବଂ ବୋଧହୀନ ଭକ୍ତି ଭ୍ରମରେ ନେଇଯାଇ ପତନ କରାଇଥାଏ । ଅତଏବ ଜ୍ଞାନର ପ୍ରକାଶରେ ହିଁ ଭକ୍ତିର ପଥ ପୂର୍ଣ୍ଣରୂପରେ ସୁଲଭ ହୋଇଥାଏ ।

**ଜ୍ଞାନ କର୍ମ ଉପାସନା, ତ୍ରିକାଣ୍ଡୀ ଚହୁ ଓ୍ୱେଦ ।**
**ଜ୍ଞାନ ସବନ କା ମୂଲ ହୈଁ, ଭୂଲ ଜ୍ଞାନ ବିନୁ ଭେଦ ॥୩୨॥**

ଭାଷ୍ୟ - ଚାରି ବେଦର ଜ୍ଞାନ, କର୍ମ ଓ ଉପାସନା - ଏ ତିନି ବିଷୟ ରହିଛି । ମାତ୍ର ଏହି ତିନିର ମୂଳ ଜ୍ଞାନ ଅଟେ । ଜ୍ଞାନ ବିନା ସମସ୍ତ ଭେଦ ରହସ୍ୟ ଖୋଲିପାରିବ ନାହିଁ । ତେଣୁ ଆଧ୍ୟାତ୍ମ ପଥରେ ଜ୍ଞାନର ସର୍ବୋତ୍କୃଷ୍ଟ ସ୍ଥାନ ଅଛି । ଜ୍ଞାନ ଦ୍ୱାରା ହିଁ ବାହ୍ୟ ସମସ୍ତ ତତ୍ତ୍ୱଗୁଡ଼ିକର ବୋଧ ହୋଇଥାଏ ।

**ତ୍ରିଗୁଣ ଓ୍ୱିଷୟ ଜୋ ଓ୍ୱେଦ ମେଁ, ଭକ୍ତି ରତନ ତତ୍ତ୍ୱ ନାହିଁ ।**
**ଶେଷ ତ୍ରିଗୁଣ ଗତି ଓ୍ୱେଦ ମେଁ, ଗୁପ୍ତ ହୈଁ ଭକ୍ତନ ମାହିଁ ॥୩୩॥**

ଭାଷ୍ୟ - ବେଦ ତ୍ରିଗୁଣାତ୍ମକ ଅଟେ । ବେଦ ଭିତରେ ଯେଉଁ ଭେଦ, ବ୍ରହ୍ମବିଦ୍ୟା ଆଭ୍ୟନ୍ତର ସାଧନ ଗୁରୁମୁଖୀ ପଥ ରହିଛି, ମାତ୍ର ଲୁପ୍ତ ଏବଂ ଗୁପ୍ତଜ୍ଞାନ ସନ୍ଥମାନଙ୍କ ପାଖରେ ରହିଛି । ସଦ୍‌ଗୁରୁ ଦ୍ୱାରା ବ୍ରହ୍ମବିଦ୍ୟା ପ୍ରାପ୍ତ ହୁଏ, ମାତ୍ର ବେଦ ପଠନରୁ ବ୍ରହ୍ମବିଦ୍ୟାର ଅନୁଭବ ଅଥବା ସନ୍ମାର୍ଗ ପ୍ରାପ୍ତ ହୁଏ ନାହିଁ । ବେଦ ଅପରା ବିଦ୍ୟା ଅଟେ ଆଉ ଯାହା ଦ୍ୱାରା ଅକ୍ଷର ଅନୁଭବ ହୁଏ, ତାହା ବ୍ରହ୍ମବିଦ୍ୟା ଅଟେ । ବ୍ରହ୍ମବିଦ୍ୟା ଅନୁଭବ ସାଧନାର ବିଷୟ ଅଟେ ଯାହା ସଦ୍‌ଗୁରୁଙ୍କ ଦ୍ୱାରା ପ୍ରାପ୍ତ ହୋଇଥାଏ । ସେଥିପାଇଁ ବେଦ ବେଦାଙ୍ଗ ପଢ଼ି ଅଧିକାରୀ ହୋଇ ସଦ୍‌ଗୁରୁ ଶରଣାଗତ ବ୍ରହ୍ମବିଦ୍ୟା ଅନୁଭବ ଭେଦ ସାଧନର ଜ୍ଞାନକରି ଯୋଗ ସମାଧି ଦ୍ୱାରା ପରଂବ୍ରହ୍ମଙ୍କର ସାକ୍ଷାତ୍‌କାର କରିବା ଉଚିତ । ବାଦ ବିବାଦ ଏବଂ କ୍ଷରଶୀଳ ପୁସ୍ତକର ଜାଲରେ ନ ପଡ଼ି ଅନୁଭବ, ବିବେକ ତତ୍ତ୍ୱକୁ (ଯେଉଁଥିରୁ ମାନବ ଜୀବନ ମହାନ ଆଉ ତେଜସ୍ୱୀ ହୋଇ ଆନନ୍ଦିତ ହୋଇଯାଏ) ପ୍ରାପ୍ତ କରିବା ଉଚିତ । ମାନବ ଜୀବନର ଲକ୍ଷ୍ୟ ଆତ୍ମାର ବିକାଶ କରିବା ଅଟେ । ତାହା ବ୍ରହ୍ମବିଦ୍ୟା ଯୋଗ ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ସୁତରାଂ ସଦ୍‌ଗୁରୁ ଶରଣାଗତିରେ ଆଧ୍ୟାତ୍ମ ମାର୍ଗର ଜ୍ଞାନ ଆହରଣ କରି ଜୀବନର ବିକାଶ କରିବା ଉଚିତ ।

**ତ୍ରିଗୁଣ ଓ୍ୱିଷୟ କୋ ତ୍ୟାଗ କର, ଶେଷ ଓ୍ୱିଷୟ ଜୋ ଓ୍ୱେଦ ।**
**ସୋଇ ସଜୀଓ୍ୱନ ସନ୍ତ କା, ଭକ୍ତି ପରମତତ୍ତ୍ୱ ଭେଦ ॥୩୪॥**

ଭାଷ୍ୟ - ବେଦରେ ପରା ଆଉ ଅପରା ଦୁଇ ପ୍ରକାର ବିଦ୍ୟାର ବର୍ଣ୍ଣନା ରହିଛି, ମାତ୍ର ପରାବିଦ୍ୟାର ଯେଉଁ ଜ୍ଞାନ ଅଛି, ତାହା ବେଦ ପଠନରୁ ପ୍ରାପ୍ତ ହୁଏ ନାହିଁ । ସେଥି ନିମନ୍ତେ ସଦ୍‌ଗୁରୁ ଶରଣର ଆବଶ୍ୟକତା ରହିଛି । ବେଦରେ ତ୍ରିଗୁଣାତ୍ମକ ଜ୍ଞାନକୁ ଛାଡ଼ି ଯେଉଁ ବିଶେଷ ବ୍ରହ୍ମବିଦ୍ୟାର ଗୁରୁମୁଖୀ ଜ୍ଞାନ ରହିଛି, ତାହା ଭକ୍ତିର ପରମତତ୍ତ୍ୱ ଅଟେ ଯାହା ସନ୍ଥମାନଙ୍କର ଜୀବନର ଆଧାର ଅଟେ । ପ୍ରାଚୀନ କାଳରେ ବେଦ ବେଦାଙ୍ଗ ପାରଙ୍ଗତ ହୋଇ ଅଧିକାରୀ ହୋଇ ବ୍ରହ୍ମବିଦ୍ୟା ପ୍ରାପ୍ତି ନିମନ୍ତେ ଋଷିଗଣ ଗୁରୁଙ୍କର ଶରଣରେ ଯାଇଛନ୍ତି, ତେବେ ଯାଇ ବୋଧ ପ୍ରାପ୍ତ ହୋଇଛି । ସୁତରାଂ, ବ୍ରହ୍ମବିଦ୍ୟା ପ୍ରାପ୍ତି ନିମନ୍ତେ ପୂର୍ଣ୍ଣ ଗୁରୁଙ୍କର ସନ୍ଧାନ କରିବା ଉଚିତ ।

**ଜୀଓ୍ୱନ ମୃତକ ହୋୟ କର, ଲଗେ ଭକ୍ତି ପଥ ସାର ।**
**ସତ୍ୟ ଦୟା ସନ୍ତୋଷ ଶୀଲ, ଚଢ଼େ ଜ୍ଞାନ କର ଧାର ॥୩୫॥**

ଭାଷ୍ୟ - ସଂସାରର ସମସ୍ତ ଆଶା ବନ୍ଧନକୁ ଛାଡ଼ି ଭକ୍ତିର ସତ୍ ପଥରେ ଆରୂଢ଼ ହେବା ଉଚିତ । ଯାହାକୁ ସଂସାରର କାମନା ଲାଗିଥାଏ, ସେ ସଂସାରରେ ଜିତି ପାରିଛି । ଯାହାକୁ କୌଣସି ପ୍ରକାରର କାମନା ନାହିଁ, ତାହା ତୀବ୍ର ବୈରାଗ୍ୟବାନ୍ ଭକ୍ତିର ମହାପଥରେ ନିର୍ବିଘ୍ନ ହୋଇ ଚାଲି ଲକ୍ଷ୍ୟକୁ ପ୍ରାପ୍ତ କରେ । ସତ୍ୟ, ଦୟା, ସନ୍ତୋଷ ଆଉ ଶୀଳକୁ ଧାରଣ କଲେ ହିଁ ଜ୍ଞାନର ଉଚ୍ଚ ପଥରେ ଆସୀନ ହେବା ଉଚିତ ।

**ପ୍ରଥମ ତ୍ରିଗୁଣ କୋ ଜାନ କର, ପୀଛେ ନିରଗୁଣ ସନ୍ତ ।**
**ଅଗୁଣ ନିର୍ଗୁଣ କୀ ଭକ୍ତି ହୈଁ, ମିଲେ ପୁରାତନ କନ୍ତ ॥୩୬॥**

ଭାଷ୍ୟ - ପ୍ରଥମେ ତ୍ରିଗୁଣଗୁଡ଼ିକୁ ଜାଣିବା ପରେ ତାହାକୁ ତ୍ୟାଗ କରି ସନ୍ଥଗଣ ଗୁଣାତୀତ ହୋଇଥାନ୍ତି । ଗୁଣଶୂନ୍ୟ ହେଲେ ହିଁ ନିର୍ଗୁଣ ପ୍ରଭୁଙ୍କର ଭକ୍ତି ହୁଏ, ଯାହା ଦ୍ୱାରା ଅନାଦି ପରମପ୍ରଭୁ ପ୍ରାପ୍ତ ହୁଅନ୍ତି ।

**ମନ ଅକ୍ଷର ଓ୍ୱେ ଅଗୁଣ ହୈଁ, ଜିଓ୍ୱ ପରମାତମ ଦେଓ୍ୱ ।**
**ଅଗୁଣ ଭକ୍ତି ହୈଁ ଅଗୁଣ ସେ, ସଗୁଣ ସେ ମାୟା ସେଓ୍ୱ ॥୩୭॥**

ଭାଷ୍ୟ - ମନ, ଅକ୍ଷର, ଜୀବ ଆଉ ପରମାତ୍ମା - ଏ ସମସ୍ତେ ପ୍ରାକୃତିକ ଗୁଣରୁ ମୁକ୍ତ ଅଟନ୍ତି । ଅଗୁଣ ପଦାର୍ଥମାନଙ୍କର ଅଗୁଣ ତତ୍ତ୍ୱମାନଙ୍କ ସହିତ ସମ୍ବନ୍ଧ ଥାଏ । ଅଗୁଣ, ଅଗଣନ ତତ୍ତ୍ୱ ମାନଙ୍କୁ ଭକ୍ତି କରିଥାଏ । ସଗୁଣ ପଦାର୍ଥ ସହିତ ମାୟାର ଭକ୍ତି ହୋଇଥାଏ । ତ୍ରିଗୁଣର ଭାବ ପ୍ରକୃତି ଭିତରେ ରହିଥାଏ ଆଉ ଗୁଣାତୀତ ଶକ୍ତି ଚେତନ ପରଂବ୍ରହ୍ମଙ୍କୁ ପ୍ରାପ୍ତ କରିଥାଏ ଅର୍ଥାତ୍ ନିର୍ଗୁଣ, ନିର୍ଗୁଣର ଭକ୍ତି କରିଥାଏ ତଥା ଚେତନ, ଚେତନକୁ ପ୍ରାପ୍ତ କରିଥାଏ । ଜଡ଼ ଆଉ ଚେତନର ସମ୍ବନ୍ଧ ବିଜାତୀୟ ଅଟେ, ଯାହା ଏକରୂପରେ ରହିପାରେ ନାହିଁ । ନିତ୍ୟ ସମ୍ବନ୍ଧ ସ୍ଥାୟୀ ହୋଇଥାଏ । ତେଣୁ ଜୀବ ଆଉ ବ୍ରହ୍ମର ସମ୍ବନ୍ଧ ଚେତନ ଆଉ ସଜାତୀୟ ହୋଇଥିବାରୁ ନିତ୍ୟ ଅନାଦି ଅଟେ ।

# ମାଟିପାତ୍ର ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟୋପଯୋଗୀ

**ମାଟି** ପାତ୍ରରୁ ପ୍ରସ୍ତୁତ ଖାଦ୍ୟକୁ ଧିମା ଆଞ୍ଚରେ ପ୍ରାୟତଃ ରନ୍ଧା ଯାଏ । ଫଳରେ ଏଥିରେ ରାନ୍ଧିବା ସମୟ ଅଧିକ ଲାଗେ । ହେଲେ ଏହା ଶରୀର ପାଇଁ ଲାଭଦାୟକ । ଧିମା ଆଞ୍ଚରେ ରୋଷେଇ ହେବା ଫଳରେ ପରିବାରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇନଥାଏ, ଯାହା ହାର୍ଟ, ଲିଭର ସମେତ ସମସ୍ତ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ରଖେ ।

ମାଟି ପାତ୍ର ସହ ପଥର ପାତ୍ରରୁ, ପ୍ରସ୍ତୁତ ଖାଦ୍ୟ ମଧ ଶରୀର ଲାଗି ଉତ୍ତମ ହୋଇଥାଏ । ପଥରରେ ବିଭିନ୍ନ ପ୍ରାକୃତିକ ଗୁଣ ଓ ଗୁଡ୍ ବ୍ୟାକ୍ଟେରିଆ ମହଜୁଦ ରହିଥାଏ । ଯାହା ହୃଦଜନୀତ ସମସ୍ୟା ହ୍ରାସ କରିଥାଏ । ପଥରରେ ଗୁଡ୍ ବ୍ୟାକ୍ଟେରିଆ ଥିବା କାରଣରୁ ପ୍ରାଚୀନ କାଳରେ ସେଥିରେ କ୍ଷୀରକୁ ରଖି ଦହି ପ୍ରସ୍ତୁତ କରାଯାଏ ।



ମାଟି ପାତ୍ରରେ ଖାଦ୍ୟ ପ୍ରସ୍ତୁତ କଲେ, କମ୍ ତେଲ ଓ ମସଲା ଆବଶ୍ୟକ ହୁଏ । ଏହାସହ ମାଟିରେ ଲବଣ ଅଂଶ ରହୁଥିବାରୁ ପ୍ରସ୍ତୁତ ଖାଦ୍ୟରେ କମ୍ ଲୁଣ ବ୍ୟବହାର କରଯାଏ, ଯାହା ଉଚ୍ଚ ରକ୍ତଚାପ ସମସ୍ୟା ହ୍ରାସ କରେ ।

ମଧୁମେହ ରୋଗୀଙ୍କ ଲାଗି ମାଟିରୁ ପ୍ରସ୍ତୁତ ଖାଦ୍ୟ ଉତ୍ତମ ହୋଇଥାଏ । ଏହା ଶରୀରରେ ଇନସୁଲିନ ସ୍ତରକୁ ସନ୍ତୁଳିତ କରେ । ଏହାବ୍ୟତୀତ ପୋଷକ ତତ୍ତ୍ୱ ଭରପୁର ଖାଦ୍ୟ ଶରୀରରେ ଇମ୍ୟୁନିଟି ବୃଦ୍ଧି କରେ । ଏସିଡିଟି ଏବଂ ଗ୍ୟାସ୍ ସମସ୍ୟାରେ ପୀଡ଼ିତ ଥିବା ଲୋକ ମାଟିରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଲାଭଦାୟକ ହୋଇଥାଏ । ମାଟି ପାତ୍ରରେ ପ୍ରାକୃତିକ ଭାବେ ଅଲ୍କଲାଇନ ପ୍ରୋଟିନ ମହଜୁଦ ରହିଥାଏ, ଯାହା ଶରୀରରେ ପିଏଚ୍ ସ୍ତରକୁ ସନ୍ତୁଳନ ରଖିବାରେ ସହାୟକ ହୋଇଥାଏ ।

# ଦେହ ଲାଗି ହିତକର ମୂଳା



ଶୀତ ଦିନମାନଙ୍କରେ ବିଶେଷ କରି ମୂଳା ଚାଷ କରାଯାଏ । କିନ୍ତୁ ଏହାର ଚାହିଦା ଯୋଗୁଁ ଶୀତ ଦିନ ବ୍ୟତୀତ ଅନ୍ୟଦିନ ମାନଙ୍କରେ ମୂଳା ଏବେ ବଜାରରେ ମିଳିଲାଣି, ଯାହାର ମୂଲ୍ୟ ବେଶ୍ ଅଧିକା ରହୁଛି । ତେବେ ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ରହିଛି । ଆଇରନ, କ୍ୟାଲସିୟମ, ଭିଟାମିନ-ଏ, ବି, ସି, ପ୍ରୋଟିନ, ସୋଡିୟମ, ମ୍ୟାଗ୍ନେସିୟମ ଏବଂ ଆୟୋଡିନର ଏକ ଭଲ ଉତ୍ସ ହେଉଛି ମୂଳା । ଏଣୁ ଅନେକ ଲୋକ ଏହାକୁ ରାନ୍ଧି ଖାଇବା ପରିବର୍ତ୍ତେ କଞ୍ଚା ଖାଇବାକୁ ପସନ୍ଦ କରନ୍ତି ।

ରକ୍ତଚାପ ହ୍ରାସ କରେ : ମୂଳାରେ ଥିବା କ୍ୟାଲସିୟମ, ପଟାସିୟମ ଓ ନାଇଟ୍ରିକ ଅମ୍ଳ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଯାହା ଫଳରେ ରକ୍ତଚାପ ଜନିତ ସମସ୍ୟାଗୁଡ଼ିକରୁ ମୁକ୍ତି ମିଳେ । ପ୍ରତିରକ୍ଷା ପ୍ରଣାଳୀ ଶକ୍ତିଶାଳୀ ହୁଏ । ମୂଳା ଭିଟାମିନ-ସିର ଏକ ଉତ୍ତମ ଉତ୍ସ । ଏହି ଭିଟାମିନ ଆମ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ, ଯାହାଫଳରେ ଆମେ ବିଭିନ୍ନ ସଂକ୍ରମଣ ଓ ରୋଗରୁ ମୁକ୍ତ ରହିପାରୁ ।

ପାଚନ ଶକ୍ତିରେ ସୁଧାର : ରସୁଣ ପରି ମୂଳାରେ ପ୍ରଚୁର ପରିମାଣରେ ଆଲିସିନ୍ ଥାଏ, ଯାହା ମୂଳାକୁ ଏକ ଗନ୍ଧ ପ୍ରଦାନ କରିଥାଏ । ଏହି ଆଲିସିନ୍ ପାଚନକ୍ରିୟାକୁ ସହଜ କରିବାରେ ସାହାଯ୍ୟ କରେ । ଏହା ଆମକୁ କୋଷ୍ଠକାଠିନ୍ୟ, ପେଟବ୍ୟଥା ଓ ଗ୍ୟାସ୍ ଆଦି ସମସ୍ୟାରୁ ମୁକ୍ତ ରଖୁଥାଏ ।

କ୍ୟାନ୍ସର ଆଶଙ୍କା ହ୍ରାସ ପାଏ : ମୂଳାରେ ଥିବା କ୍ଲୋରୋଜେନିକ ଗ୍ଲାଇକୋସାଇଡ୍ ଓ ଇଥାଇଲ୍ ଆଇଥାୟୋସିନାଟ ତତ୍ତ୍ୱ କ୍ୟାନସର ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ । ଏଗୁଡ଼ିକ ଡିଏନଏକୁ କ୍ଷତି ହେବାରୁ ରକ୍ଷା କରେ ଏବଂ କ୍ୟାନ୍ସର ବିକାଶକୁ ପ୍ରତିରୋଧ କରେ ।

ଚର୍ମ ଲାଗି ଉତ୍ତମ : ମୂଳାରେ ଥିବା କ୍ୟାଲସିୟମ ଓ ସାଲିସିଲିକ୍ ଅମ୍ଳ ଚର୍ମକୁ ସୁସ୍ଥ ରଖୁଥାଏ । ଏଗୁଡ଼ିକ ଚର୍ମର କୋଷଗୁଡ଼ିକୁ କାର୍ଯ୍ୟକ୍ଷମ କରିବାରେ ସାହାଯ୍ୟ କରେ ଏବଂ ଚର୍ମକୁ ଆହୁରି ନରମ ଓ କୋମଳ କରାଇଥାଏ ।

ଚକ୍ଷୁ ଲାଗି ଉପକାରୀ : ମୂଳାରେ ଥିବା ଭିଟାମିନ-ସି ଏବଂ ପାଇରିଡୋକ୍ସିନ୍ ଦୃଷ୍ଟି ଶକ୍ତି ବୃଦ୍ଧି କରେ । ଏଗୁଡ଼ିକ ଆଖି ଭିତର ପଟଳକୁ ଶକ୍ତିଶାଳୀ କରିଥାଏ ।

## ଟିକିଏ ହସନ୍ତୁ

ଚିଣ୍ଟୁକୁ ତା'ର ସାଙ୍ଗ ମଣ୍ଟୁ କହିଲା
ମଣ୍ଟୁ: ଚିଣ୍ଟ, ଆଜି ଟିକେ ମତେ ତୋ ସାଇକେଲଟା ଦେ ।
ଚିଣ୍ଟୁ: ନା, ସାଇକେଲ ଦେଇ ପାରିବିନି ।
ମଣ୍ଟୁ: ଦେଖ, ସେମିତି କହିଲେ ମୋ ମନ ଖଟା ହେଇଯିବ ।
ଚିଣ୍ଟୁ: ଗୋଟେ କାମ କରିବୁ, ଚିନି ଟିକେ ମିଶେଇ ଦେବୁ ।

× × ×

ବାପଟି ଖୁବ୍ କଞ୍ଜୁସ୍ ଥିଲା । ସେ ଦିନେ ତା'ର ପୁଅକୁ ଡାକି କହିଲା:
ବାପା: ଶ୍ୟାମ, ମୁଁ ଚାହୁଁଛି ତୁ ବଡ଼ ହେଇ ଜଣେ ଓକିଲ ହବୁ ।
ଶ୍ୟାମ: କିନ୍ତୁ ବାପା, କାହିଁକି ?
ବାପ: ମୁଁ ଯେଉଁ କଳା କୋଟଟି ପିନ୍ଧୁଛି, ତାହା ଆଉ ନଷ୍ଟ ହବନି । ତୋ କାମରେ ଲାଗିବ ।

× × × ×

ରାଜୁ ମା'ର ଦେହ ଅସୁସ୍ଥ ହେବାରୁ ସେ ହସ୍ପିଟାଲକୁ ନେଇଗଲା ।
ସେଠାରେ ଡାକ୍ତର କହିଲେ: ତାଙ୍କର ଦୁଇଟି ଟେଷ୍ଟ ହେବ ।
ରାଜୁ: ଜୋର୍‌ରେ କାନ୍ଦିବାକୁ ଲାଗିଲା, ହେ ଭଗବାନ୍ ଏବେ କ'ଣ ହେବ, ମୋ ମା'ତ ପାଠ ପଢ଼ିନି ସିଏ କି ଟେଷ୍ଟ ଦେବ ।

× × × ×



ପିଣ୍ଟୁ ଅଟୋବାଲାକୁ ପଚାରିଲା: ଭାଇ ଷ୍ଟେସନ ଯିବାକୁ କେତେ ଟଙ୍କା ନେବ ?
ଅଟୋବାଲା: ୫୦ ଟଙ୍କା ।
ପିଣ୍ଟୁ: ୨୦ ଟଙ୍କା ନିଅ ।
ଅଟୋବାଲା: ୨୦ ଟଙ୍କାରେ କିଏ ନେବ ତୁମକୁ ?
ପିଣ୍ଟୁ: ଭାଇ ତୁମେ ଅଟୋରେ ବସ ମୁଁ ଚଲାଉଛି ।

× × × ×

ସୁଟୁ: ବାପା ବାପା.. ମତେ ନା ଆଜି ପରୀକ୍ଷାରେ ୧୦୦ ନମ୍ବର ମିଳିଛି ।
ବାପା: ଆରେ ବାଃ, ଗୋଟେ ଭଲ କାମ କରିଛୁ । ପୁରା ଶହେରୁ ଶହେ ରଖିଛୁ ।
ସୁଟୁ: ନାଇଁ ମ, ମତେ ଇଂରାଜୀରେ ୫୦, ଗଣିତରେ ୩୦ ଆଉ ବିଜ୍ଞାନରେ ୨୦ ମିଳିଚି । ହେଲାନି ଶହେ ।

## ଗୁଡ଼ ଓ ମହୁର ଉପକାରିତା

**ହେ**ଲ୍‌ଦୀ ଫୁଡ୍ ଭିତରେ ଗୁଡ଼ ଓ ମହୁ ଉଭୟ ଦୁଇଟିର ନାମ ଆସିଥାଏ । ଗୁଡ଼ ଆଖୁରୁ ପ୍ରସ୍ତୁତ ହୋଇଥାଏ, ଯାହାକି ମିଠା । ଏଥସହିତ ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ରହିଛି । ଗୁଡରେ ଆଇରନ, କ୍ୟାଲସିୟମ ଓ ବହୁ ଆବଶ୍ୟକ ମିନେରାଲ୍ସ ରହିଛି, ଯାହା ଶରୀରକୁ ଶକ୍ତି ପ୍ରଦାନ କରିବା ସହିତ ପାଚନ କ୍ରିୟା ଠିକ୍ ଭାବରେ କରିବାରେ ସହାୟକ ହୋଇଥାଏ । ଅନ୍ୟପକ୍ଷରେ ମହୁରେ ପ୍ରାକୃତିକ ରୂପରେ ମିଠା ଭରି ରହିଛି । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ମଧ ରହିଛି, ଯାହାକି ଇମ୍ୟୁନିଟି ବୃଦ୍ଧି କରିଥାଏ ।

**ସ୍ୱାସ୍ଥ୍ୟ ଉପକାରୀ ଗୁଡ :** ଗୁଡ ଆଖୁରୁ ତିଆରି ହୁଏ ଓ ଭାରତୀୟ ପରମ୍ପରାରେ ଏହା ମିଠା ସହିତ ସ୍ୱାସ୍ଥ୍ୟ ଲାଗି ମଧ ଖୁବ୍ ଉତ୍ତମ । ଏଥିରେ ପ୍ରାକୃତିକ ଶର୍କରା ରହିଥାଏ, ଯାହାକି ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହା ମଣିଷର ଥକ୍କାପଣକୁ ଦୂର କରିଥାଏ । ଏଥିରେ ଥିବା ଆଇରନ, କ୍ୟାଲସିୟମ, ପୋଟାସିୟମ ଓ ମ୍ୟାଗ୍ନେସିୟମ ଭଳି ମହତ୍ତ୍ୱପୂର୍ଣ୍ଣ ମିନେରାଲ୍ସ ରହିଛି । ଏହା ଶରୀରର ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ । ଗୁଡ ପାଚନ କ୍ରିୟାକୁ ଉତ୍ତମ କରିଥାଏ । ଏହା ଅନ୍ତକୁ ସଫା ରଖିଥାଏ ଓ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ ।

**ମହୁର ଉପକାରିତା :** ଫୁଲରୁ ମହୁ ସଂଗ୍ରହ କରାଯାଇଥିବା ଏକ ପ୍ରାକୃତିକ ଉତ୍ପାଦ । ଏଥିରେ ଅଦ୍ଭୁତ ଔଷଧୀୟ ଗୁଣ ଭରି ରହିଛି । ଏଥିପାଇଁ ମହୁରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ, ଯାହା ଶରୀରକୁ ଫ୍ରି ରେଡିକାଲ୍ସରୁ ରକ୍ଷା କରିଥାଏ । ଏହା ଇମ୍ୟୁନିଟିକୁ ବୃଦ୍ଧି କରିବାରେ ସହାଯକ ହୋଇଥାଏ । ମହୁରେ ଗ୍ଲାଇସେମିକ୍ ଇଣ୍ଡେକ୍ ଗୁଡ଼ ତୁଳନାରେ କମ ରହିଛି । ଏହି



କାରଣରୁ ଏହା ଧୀରେ ଧୀରେ ଶରୀରରେ ଅବଶୋଷିତ ହୋଇଥାଏ । ଯଦ୍ୱାରା ବ୍ଲଡ ସୁଗର ସ୍ତର ନିୟନ୍ତ୍ରଣରେ ରହିଥାଏ । ମହୁରେ ଆଣ୍ଟିବ୍ୟାକ୍ଟେରିଆଲ ଓ ଆଣ୍ଟିଭାଇରାଲ ଗୁଣ ରହିଥାଏ । ଯାହାକି ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ଓ ପେଟ ସମସ୍ୟାରୁ ମୁକ୍ତି ମିଳିଥାଏ ।

**କେଉଁଥିରେ ଅଧିକ କ୍ୟାଲୋରୀ :** ଗୁଡରେ ମହୁ ତୁଳନାରେ କମ୍ କ୍ୟାଲୋରୀ ରହିଛି । ଯଦି ଓଜନ ହ୍ରାସ କରିବା ପାଇଁ କ୍ୟାଲୋରି କମ୍ କରିବାକୁ ଚାହୁଁଛନ୍ତି ମହୁ ଅପେକ୍ଷା ଗୁଡ ଅଧିକ ଫଳପ୍ରଦ । ମନ୍ଦିର ଗ୍ଲାଇସେମିକ୍ ଇଣ୍ଡେକ ଗୁଡ ଅପେକ୍ଷା କମ । ଏହି କାରଣରୁ ଡାଇବେଟିସ୍ ରୋଗୀଙ୍କ ଲାଗି ବିଶେଷ ଫଳପ୍ରଦ । ଅନ୍ୟପକ୍ଷରେ ମହୁରେ ପାଚନ ଏନଜାଇମ୍ ରହିଥାଏ, ଯାହା ମେଟାବଲିଜମକୁ ବୃଦ୍ଧି କରିବାରେ ସହାୟକ କରିଥାଏ । ଯେତେବେଳେ କି ଗୁଡରେ ମିନେରାଲ୍ସ ପ୍ରଚୁର ମାତ୍ରାରେ ରହିଛି । ମହୁ ପେଟ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ । ଯେତେବେଳେ କି ଗୁଡ଼ ଧୀରେ ଧୀରେ ହଜମ ହୋଇଥାଏ ଯେଉଁ କାରଣରୁ ଭୋକକୁ ଅଧିକ ନିୟନ୍ତ୍ରଣ ରଖିଥାଏ ।

ଉଭୟ ସ୍ୱାସ୍ଥ୍ୟ ଲାଗି ହିତକର : ଗୁଡ ଓ ମହୁ ଉଭୟ ସ୍ୱାସ୍ଥ୍ୟ ଲାଗି ହିତକର । ଯଦି ଆପଣ ସୁଗାର ନିୟନ୍ତ୍ରଣ ଓ ଶୀଘ୍ର ହଜମ ଲାଗି ବିକଳ୍ପ ଖୋଜୁଛନ୍ତି ତେବେ ମହୁ ସବୁଠୁ ଭଲ । ଯଦି ଶକ୍ତି ଓ ମିନେରାଲ୍ସ ଆବଶ୍ୟକ ରହିଛି ତେବେ ଗୁଡ ସ୍ୱାସ୍ଥ୍ୟ ଲାଗି ସବୁଠୁ ଭଲ । ଉଭୟ ଗୁଡ ଓ ମହୁ ସନ୍ତୁଳିତ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେଣୁ ପ୍ରତିଦିନ ଖାଦ୍ୟରେ ଗୁଡ ଓ ମହୁ ଆବଶ୍ୟକ ପରିମାଣ ସାମିଲ କରିବା ସ୍ୱାସ୍ଥ୍ୟ ଲାଗି ହିତକର ।

## ସ୍ୱାସ୍ଥ୍ୟ ପାଇଁ ଲିମ୍ବ ପାଣି



**ଲି**ମ୍ବ ପାଣିରେ ରହିଛି ପ୍ରଚୁର ପରିମାଣରେ ଆଣ୍ଟି ଇନଫ୍ଲାମେଟୋରି ତତ୍ତ୍ୱ ଯାହାଦ୍ୱାରା ତାପମାତ୍ରାରେ କିଛି ପରିବର୍ତ୍ତନ ଦ୍ୱାରା ଯେଉଁ ଇନଫ୍ଲାମେସନ ହୋଇଥାଏ ତାହା ହୁଏ ନାହିଁ । ଲିମ୍ବ ହେଉଛି ଏକ ପ୍ରାକୃତିକ ଚିକିତ୍ସା ଯାହାଦ୍ୱାରା ତ୍ୱଚାରେ ହେଉଥିବା କଳାଦାଗ ଆପେଆପେ ଭଲ ହୋଇଯାଏ । ଲିମ୍ବପାଣି ପିଇଲେ କେବଳ ଯେ, ଏହା ତ୍ୱଚାପାଇଁ ଭଲ କାମ ଦେବ ତାହା ନୁହେଁ । ଲିମ୍ବପାଣି ଶରୀରର ହଜମପ୍ରକ୍ରିୟାକୁ ମଧ ଖୁବ୍ ଭଲଭାବେ ସଫା କରିଦିଏ । କିଡ୍‌ନିକୁ ମଧ ନିର୍ମଳ ରଖେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ପାଇଁ ଏହା ଶରୀରରୁ ସମସ୍ତ ବିଷାକ୍ତ ଅଂଶ କାଢ଼ିଦେଇ ଶରୀରର ହଜମକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ।

ଏଥିରେ ଥିବା ଆଣ୍ଟି ଏଜିଙ୍ଗ ତତ୍ତ୍ୱ ତ୍ୱଚାକୁ ଏକଦମ୍ ନିର୍ମଳ ରଖେ । ବ୍ରଣ ସମସ୍ୟାରୁ ତୁରନ୍ତ ମୁକ୍ତି ଦେଇଥାଏ ।

## ଆପଣ ଜାଣନ୍ତି କି ?


- ମନୁଷ୍ୟର ମସ୍ତିଷ୍କ ବିନା ଅକ୍ସିଜେନରେ ପାଞ୍ଚରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଜୀବିତ ରହିପାରେ ।
- କ୍ରିଷ୍ଟିୟନ ବର୍ନାର୍ଡ ୧୯୬୭ ରେ ପ୍ରଥମ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କରିଥିଲେ ।
- ଦୁନିଆର ସବୁଠୁ ଉଚ୍ଚା ବୃକ୍ଷ ଅଷ୍ଟ୍ରେଲିୟାନ ୟୁକାଲିପ୍ଟସ୍‌ର ଉଚ୍ଚତା ୪୩୫ ଫୁଟ ।
- ଇବୋଲା ଭାଇରସରେ ପ୍ରତି ୫ ଜଣରୁ ୪ ରୋଗୀଙ୍କ ମୃତ୍ୟୁ ହୋଇଥାଏ ।
- ୧୮୮୩ ରେ କ୍ରାକାଟୋଆ ଆଗ୍ନେୟଗିରି ବିସ୍ଫୋରଣ ହୋଇଥିଲା । ଏହାର ଶବ୍ଦ ଏତେ ଜୋର ଥିଲା ୪,୮୦୦ କି.ମି ଦୂର ଅଷ୍ଟ୍ରେଲିଆ ପର୍ଯ୍ୟନ୍ତ ଶୁଭିଥିଲା ।



- ଦୁନିଆର ସବୁଠୁ ବଡ଼ ଉଲ୍କାପିଣ୍ଡ ଦକ୍ଷିଣ ଆଫ୍ରିକା ଏବଂ କାନାଡାରେ ଅବସ୍ଥିତ ।
- ସାହାରା ମରୁଭୂମି ଦୁନିଆର ସବୁଠୁ ବଡ଼ ମରୁଭୂମି । ଯାହା ୩୫୦୦,୦୦ ବର୍ଗକ୍ଷେତ୍ର ପର୍ଯ୍ୟନ୍ତ ବିସ୍ତୃତ ।
- ଦୁନିଆର ସବୁଠୁ ଶୁଷ୍କ ସ୍ଥାନ ଇଜିପ୍ଟର ଅସୱାନ । ଯେଉଁଠି ବର୍ଷକୁ ଥରେ ୦.୦୨ ଇଞ୍ଚ ବର୍ଷା ହୋଇଥାଏ ।
- କୌଣସି ଭାରି ବସ୍ତୁକୁ ସମୁଦ୍ର ଗଭୀରକୁ ପହଞ୍ଚାଇବା ପାଇଁ ୧ ଘଣ୍ଟା ସମୟ ଲାଗିଥାଏ ।

## ଉଚ୍ଚ ରକ୍ତଚାପ ଦୂର କରିବ 'କଖାରୁ ମଞ୍ଜି'

ଏବେ ପ୍ରମୁଖ ସମସ୍ୟା ହୋଇଛି 'ଉଚ୍ଚ ରକ୍ତଚାପ' । ୪୦ ପ୍ରତିଶତରୁ ଅଧିକ ବ୍ୟକ୍ତି ଏହି ରୋଗର ଶିକାର ହୋଇଛନ୍ତି । କ୍ରମାଗତ ଭାବେ ଏହି ରୋଗ ବଢ଼ି ଚାଲିଛି । ଏହାଦ୍ୱାରା ଅନେକ ବ୍ୟକ୍ତି ସମୟ ପୂର୍ବରୁ ବାର୍ଦ୍ଧକ୍ୟ ଏବଂ ଅନ୍ୟାନ୍ୟ ଗୁରୁତର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏହା ମନୁଷ୍ୟର ମସ୍ତିଷ୍କ, ହାର୍ଟ, ଆଖି, କିଡନୀକୁ କ୍ଷତି ପହଞ୍ଚାଇଥାଏ । ଉଚ୍ଚ ରକ୍ତଚାପରୁ ଦୂରେଇ ରହିବାକୁ ଚାହୁଁଥିଲେ ସୋଡିୟମ୍ ଅଧିକ ମାତ୍ରାରେ ଥିବା ଖାଦ୍ୟ ପଦାର୍ଥଠାରୁ ଦୂରେଇ ରହିବା ଉଚିତ୍ । ଅତ୍ୟଧିକ ଲୁଣ, ବେକିଂ ପାଉଡର ଏବଂ ସୋଡିୟମ୍ ବାଇକାର୍ବୋନାଟ୍ ବ୍ୟବହାର ହ୍ରାସ କରିବା । ସେହିପରି ଲୋକଙ୍କ ପ୍ରିୟ ପନିର, ଆଳୁ ଚିପ୍ସ, ଲୁଣିଆ ବାଦାମ, ଲୁଣିଆ ପପକର୍ଣ୍ଣ



ଆଦି ସ୍ନାକ୍ସଠାରୁ ମଧ ଦୂରେଇ ରହିବା ଉଚିତ୍ । ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ 'କଖାରୁ ମଞ୍ଜି' ଶରୀରରେ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଏଥରେ ମାଗ୍ନେସିୟମ, ପୋଟାସିୟମ୍, ଆର୍ଜିନାଇନ୍ ଏବଂ ଆମିନୋ ଏସିଡ୍ ପରି ଅନେକ ପୋଷକ ତତ୍ତ୍ୱ ରହିଥାଏ । ସେମାନେ ରକ୍ତବାହୀକୁ ଆରାମ ଦେଇ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରନ୍ତି ।

## 'ଏସିଡିଟି'ର ଘରୋଇ ଉପଚାର

**ପ**ରିବର୍ତ୍ତିତ ଜୀବନଶୈଳୀ ଏବଂ ଅନିୟମିତ ଖାଦ୍ୟପାନୀୟ ଯୋଗୁଁ ବର୍ତ୍ତମାନ ଏସିଡିଟି ବା ଗ୍ୟାସ୍ ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଛି । ଛୋଟରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖିବାକୁ ମିଳୁଛି । ଏମିତିକି ଏଥିଯୋଗୁଁ ଅନେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ମଧ ହେଉଛି । ଯେମିତିକି କିଛି ଜଣଙ୍କର ପେଟରେ ଅଲସର୍, ପ୍ରବଳ ମୁଣ୍ଡ ବ୍ୟଥା, ପାଦହାତ ଫୁଲିଯିବା ଭଳି ସମସ୍ୟା ଦେଖା ଦେଇଥାଏ । କିଛିଜଣ ଏସିଡିଟି ପାଇଁ ନିୟମିତ ଔଷଧ ଖାଇଥାନ୍ତି, ଆଉ କିଛି ଘରୋଇ ଉପଚାର ଉପରେ ନିର୍ଭର କରନ୍ତି ।



**ଜିରା :** କୌଣସି ଖାଦ୍ୟ ଖାଇବାପରେ ଯଦି ପେଟ ଖରାପ ଲାଗେ ତେବେ କିଛି ବ୍ୟକ୍ତି ଗୋଟା ଜିରାକୁ ଚୋବାଇ ଉଷୁମ ପାଣି ପିଇଥାନ୍ତି । ଏହା ଦ୍ୱାରା ଉପଶମ ମିଳିଥାଏ । ସେହିପରି କିଛି ଜିରାଗୁଣ୍ଡ ସହ କଳା ଲୁଣ ମିଶାଇ ଖାଇଲେ ଏସିଡିଟିରୁ ଉପଶମ ମିଳେ । ଭଜା ଜିରାଗୁଣ୍ଡକୁ ପାଣିରେ ମିଶାଇ ପିଇଲେ ନଚେତ୍ ଜିରାକୁ ପାଣିରେ ଫୁଟାଇ ସେହି ପାଣିକୁ ପିଇଲେ ଆରାମ ଲାଗିଥାଏ ।

**ପୋଦିନା ପତ୍ର :** ପୋଦିନା ଏକ ଉପକାରୀ ପତ୍ର । ପେଟଜନିତ ସମସ୍ୟା ଦୂର କରିବାରେ ପୋଦିନା ରାମବାଣ ଭଳି କାମ କରିଥାଏ । ନିୟମିତ ଖାଦ୍ୟରେ ଏହାକୁ ସାମିଲ କଲେ କୌଣସି ଅସୁବିଧା ନଥାଏ । ବରଂ ପାଚନ ସମସ୍ୟା ଦୂରହେବା ସହ ଏସିଡିଟିରୁ ମଧ ଉପଶମ ମିଳିଥାଏ ।

**ଜୁଆଣି :** ଜୁଆଣି ପେଟ ସମସ୍ୟା ଓ ଏସିଡିଟି ପାଇଁ ବେଶ୍ ଉପକାରୀ । ଜୁଆଣିକୁ ପାଣିରେ ଫୁଟାଇ ସେହି ପାଣିକୁ ସେବନ କଲେ ଏସିଡିଟି ସମସ୍ୟା ଦୂର ଦେବ । ଏଥିସହ ଜୁଆଣି ଫୁଲକୁ ଗୋଟେ ଗ୍ଲାସ୍ ପାଣିରେ ବୁଡ଼ାଇ ରଖନ୍ତୁ । ଏହି ପାଣିକୁ ଖାଲିପେଟରେ ପିଅନ୍ତୁ । ଏହା ମଧ ଶରୀର ପାଇଁ ବେଶ ଉପକାରୀ ।

**ବେଲ ପତ୍ର :** ସମସ୍ତେ ଏହି ପତ୍ର ସହଜରେ ବାଡ଼ି ବଗିଚାରୁ ପାଇପାରିବେ । ପ୍ରତିଦିନ ତିନି ଡେଙ୍ଗ ଥିବା ତିନୋଟି ବେଲ ପତ୍ରକୁ ୫ଟି ଗୋଲମରିଚ ସହିତ ମିଶାଇ ଚୋବାଇ ପାଣି ପିଇଲେ ପେଟ ଜନିତ ସମସ୍ୟାରୁ ମୁକ୍ତି ମିଳେ ।

## କହିପାରିବେ କି ?

(୧) ଲୁଗାସଫା ଡିଟରଜେଣ୍ଟକୁ କ'ଣ କୁହାଯାଏ ?
(୨) ଯୌଗିକ ପଦାର୍ଥ ରୂପରେ ଔଷଧ ତିଆରିରେ ବ୍ୟବହୃତ ହେଉଥିବା ବ୍ରୋମିନ୍ କ'ଣ ?
(୩) ପୃଥିବୀପୃଷ୍ଠରେ ଉପଲବ୍ଧ ହେଉଥିବା ସବୁଠାରୁ କଠିନ ପଦାର୍ଥ କ'ଣ ?
(୪) ବିଭିନ୍ନ ପ୍ରକାରର ୱେଲ୍ଡିଂରେ କେଉଁ କେଉଁ ପ୍ରକାରର ଗ୍ୟାସ୍ ବ୍ୟବହୃତ ହୋଇଥାଏ ?
(୫) ସମୁଦ୍ର ଜଳରେ ହାରାହାରି ଲବଣତା କେତେ ?
(୬) ଭାରି ଜଳ କାହାକୁ କହନ୍ତି ?
(୭) ସବୁ ପ୍ରକାରର ଏସିଡରେ କେଉଁ ଉପାଦାନ ରହିଥାଏ ?
(୮) ଭାରତର କେଉଁଠାରେ ପ୍ରଥମ କମ୍ପ୍ୟୁଟର ଇନଷ୍ଟାଲ୍ ହୋଇଥିଲା ?
(୯) ୱେବସାଇଟର ପ୍ରଥମ ପୃଷ୍ଠାକୁ କ'ଣ କୁହାଯାଏ ?
(୧୦) କେଉଁ କମ୍ପାନିର ନିକ୍‌ନେମ୍ 'ବିକ୍ ବ୍ଲୁ' ?

### JUMBLE WORDS

| | | | |
|---|---|---|---|
| 1) NYIVL | = | 6) CRIBK | = |
| 2) GITEN | = | 7) FEIDER | = |
| 3) CAPYEH | = | 8) ZHDAAR | = |
| 4) ZLIFEZ | = | 9) SIPTY | = |
| 5) DRYNE | = | 10) RWNDA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ଆଣ୍ଟୋନି ଲାଭୋଇସିୟର, ୨. ଦମିତ୍ରି ମେଣ୍ଡିଲିଭ୍, ୩. ନାଇଟ୍ରୋଜେନ୍, ୪. ମିଥେନ୍, ୫. ସଲଫର୍ ଡାଇଅକସାଇଡ୍ ଏବଂ ନାଇଟ୍ରୋଜେନ୍ ଅକସାଇଡ, ୬. ସିଲିକନ୍, ୭.ବେକେଲାଇଟ୍, ୮. ପଲି ଭିନିଲ୍ କ୍ଲୋରାଇଡ୍, ୯. ଥର୍ମୋପ୍ଲାଷ୍ଟିକ୍, ୧୦. ମର୍କୁରି ।

***Jumble Words*** ର ଉତ୍ତର :-

(1) SLOWLY (2) HAMMER (3) THREW (4) FLOOD (5) SMOKER (6) FIASCD (7) VOCAL (8) RUMMY (9) AVENUE (10) FRIGHT

# ଏମସିଏଲରେ ଠିକା ଶ୍ରମିକଙ୍କୁ ନିଯୁକ୍ତି ଓ ପାଉଣାରେ ଠକେଇ ରାଷ୍ଟ୍ରପତିଙ୍କୁ ଅଭିଯୋଗ

ଝାରସୁଗୁଡ଼ା: ଏମସିଏଲରେ ଲଖନପୁର କ୍ଷେତ୍ର ଆଇଆଲବିଏଲ ଓସିପିରେ ଠିକା ଶ୍ରମିକଙ୍କୁ ପାଉଣା ଓ ନିଯୁକ୍ତିରେ ଠିକା କମ୍ପାନୀମାନେ ଠକେଇ କରୁଥିବା ଅଭିଯୋଗ କରି ମହାନଦୀ କୋଇଲାଖଣି ଠିକାଶ୍ରମିକ କଂଗ୍ରେସ ତରଫରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଜିଲ୍ଲାପାଳଙ୍କ ମାଧମରେ ଦାବିପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନ ତରଫରୁ ଠିକା କମ୍ପାନୀମାନେ କେନ୍ଦ୍ରସରକାରଙ୍କ କୋଇଲା ମନ୍ତ୍ରଣାଳୟ ଦ୍ୱାରା ଘୋଷିତ ଏଚ୍‌ପିସି ଓ୍ୱେଜଠିକା ଶ୍ରମିକଙ୍କୁ ପ୍ରଦାନ କରାଯାଉ ନ ଥିବାରୁ ଶ୍ରମ ଆଇନର ଉଲଂଘନ କରାଯାଉଥିବାର ଅଭିଯୋଗ କରାଯାଇଛି । ସେହିପରି ୨୩୦ ଜଣ ଶ୍ରମିକମାନେ ଯେଉଁ ମାନେ ୬ ରୁ ୧୦ ବର୍ଷ ହେଲା ଏମସିଏଲ୍ ବିଭିନ୍ନ ଠିକା କମ୍ପାନୀରେ କାର୍ଯ୍ୟ କରି ଆସୁଛନ୍ତି ସେମାନଙ୍କୁ ଛଟେଇ କରାଯାଇ ତାଙ୍କ ସ୍ଥାନରେ ନୂତନ ଭାବେ କାର୍ଯ୍ୟାଦେଶ ପାଇଥିବା ଠିକା କମ୍ପାନୀ ଜୟ ଅମ୍ବେ ଓ ହିଲଟପ ବାହାର ରାଜ୍ୟର ଶ୍ରମିକମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନଙ୍କ ମଧରୁ ୮୯ ଜଣ ଆଦିବାସୀ ଜାତି ,୩୩ ଜଣ ଏସଟି ଓ ଅନ୍ୟମାନେ ସ୍ଥାନୀୟ ଗରିବ ପରିବାରର ଅଟନ୍ତି । ପୂର୍ବରୁ ଭିଏଫ୍ ପିଏଲ ୩ ବର୍ଷ କମ୍ପାନୀର ଚୁକ୍ତିନାମା ସରିବା ପରେ ଶ୍ରମିକଙ୍କୁ ବେଆଇନ ଭାବେ ଅନ୍ତିମ ବକେୟା ଟଙ୍କା ଓ ଅନ୍ୟାନ୍ୟ ଟଙ୍କା ପ୍ରଦାନ ନ କରି ବାହାର କରିଦେଇଥିଲେ । କେନ୍ଦ୍ର ଆଞ୍ଚଳିକ ଶ୍ରମ କମିଶନର ରାଉରକେଲାଙ୍କ କାର୍ଯ୍ୟାଳୟରେ ଆଲୋଚନା ସମୟରେ ଅନ୍ତିମ ବକେୟା ପ୍ରଦାନ ପାଇଁ କମ୍ପାନୀ ରାଜି ହୋଇଥିଲା । ମାତ୍ର ଅଦ୍ୟାବଧି ତାହା ପ୍ରଦାନ କରାଯାଇ ନାହିଁ । ଦୀର୍ଘ ୮ମାସର ଆନ୍ଦୋଳନ ପରେ ଶାହାକୋଲ କମ୍ପାନୀରେ ଶ୍ରମିକମାନଙ୍କୁ ପୁନଃ ନିଯୁକ୍ତି କରାଯାଇଥିଲା । ଶାହାକୋଲ କମ୍ପାନୀର ଚୁକ୍ତିନାମା ଶେଷ ହେବା ସମୟରେ ୨୩୦ଜଣ ଶ୍ରମିକଙ୍କୁ ଅନ୍ତିମ ବକେଇଆ ଓ ଅନ୍ୟାନ୍ୟ ପ୍ରାପ୍ୟ ଟଙ୍କା ପ୍ରଦାନ କରା ନଯାଇ ୨୦୨୪ମଇରୁ ଛଟେଇ କରାଯାଇଥିଲା । ଛଟେଇ ହୋଇଥିବା ଏହି ଶ୍ରମିକମାନଙ୍କ ମଧରୁ ୮୯ଜଣ ଆଦିବାସୀ , ୩୩ ଜଣ ଏସ୍‌ସି ଓ ଅନ୍ୟାନ୍ୟ ମାନେ ଓବିସି, ଅନ୍ୟାନ୍ୟ ଜାତିର ଓ ସଂଖ୍ୟାଲଘୁ ଶ୍ରେଣୀର । ସମସ୍ତେ ବ୍ରଜରାଜନଗର ବିଧାନସଭା ଅଞ୍ଚଳର ସ୍ଥାନୀୟ ଶ୍ରମିକ ଅଟନ୍ତି ।କେନ୍ଦ୍ରସରକାରଙ୍କ ଆଞ୍ଚଳିକ ଶ୍ରମ କମିଶନର ରାଉରକେଲାଙ୍କ ନିର୍ଦ୍ଦେଶକ୍ରମେ ଏମସିଏଲ ସହିତ ବାରମ୍ବାର ଆଲୋଚନା ପରେ ସମସ୍ତ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଲିଖିତ ଚୁକ୍ତିନାମା ହୋଇଥିଲା । ମାତ୍ର ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଶିକ୍ଷାନୁଷ୍ଠାରେ ଠିକା କମ୍ପାନୀ ପରିବର୍ତ୍ତନ ହେଲେ ମଧ ପୁରାତନ କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ କାର୍ଯ୍ୟ କରୁଥିବା ବେଳେ ଏମସିଏଲରେ ଏହାର ବାରମ୍ବାର ବ୍ୟତିକ୍ରମ ହେଉଛି । ଶାହା କୋଲର ୨୩୦ଜଣ ଶ୍ରମିକଙ୍କ ପୁନଃ ନିଯୁକ୍ତି ଦାବିରେ ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଧାରଣାରେ ବସିଥିଲେ । ପୋଲିସ୍ ବଳପୂର୍ବକ ଗିରଫକରି ମିଥ୍ୟା ମକଦ୍ଦମାରେ ୮୦ ଜଣ ଶ୍ରମିକଙ୍କୁ ଜେଲ ପଠେଇ ଥିଲେ । ଏମସିଏଲରେ ଚାଲିଥିବା ଠିକା ଶ୍ରମିକଙ୍କ ଶୋଷଣ ,ଏଚ୍‌ପିସି ଓ୍ୱେଜ ପ୍ରଦାନରେ ବଡ଼ ଧରଣର ଦୁର୍ନୀତି ହେଉଛି ଏହାର ତଦନ୍ତ ସିବିଆଇ ଓ କ୍ରାଇମ ବ୍ରାଞ୍ଚ ହାଇକୋର୍ଟ ଜଜ କିମ୍ବା ଜିଲ୍ଲା ଜଜଙ୍କ ଅଧିନରେ କରାଯିବା ପାଇଁ ମହାନଦୀ କୋଇଲାଖଣି ଠିକାଶ୍ରମିକ କଂଗ୍ରେସ ତରଫରୁ ଦାବି କରାଯାଇଛି ।

## ବରଗଡ଼-ନୂଆପଡ଼ା ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ପ୍ରୟାସ



ବରଗଡ଼ : ବରଗଡ଼- ନୂଆପଡ଼ା ରେଳ ଲାଇନ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ପୂର୍ବତଟ ରେଳବାଇ ଜେନେରାଲ୍ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲଙ୍କ ସହ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଆଲୋଚନା କରିଛନ୍ତି । ଏହି ଅବସରରେ ଶ୍ରୀ ଫୁଙ୍କୱାଲ୍ କହିଥିଲେ ଯେ, ରେଲଓ୍ୱେ ଆକ୍ଟ ଅନ୍ତର୍ଗତ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ୧୩୮ କିଲୋମିଟର ଦୀର୍ଘ ଏହି ରେଳପଥର ଘୋଷଣା ହୋଇଛି ଓ ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି । ଏଥିପାଇଁ ଜଣେ ମୁଖ୍ୟଯନ୍ତ୍ରୀ ଓ ଜଣେ ଉପମୁଖ୍ୟ ଯନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତ କରାଯାଇଛି । ସେହିପରି ବରଗଡ଼ ଉପ ଜିଲ୍ଲାପାଳ ଜମି ଅଧିଗ୍ରହଣ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଫୁଙ୍କୱାଲ୍ କହିଛନ୍ତି । ଏହି ସାକ୍ଷାତ କାଳରେ ସାଂସଦ ପ୍ରଦୀପ ପୁରୋହିତ ରେଳପଥରେ ଆସୁଥିବା 'ଜିରା ଓ ଅଙ୍ଗନଦୀ' ଉପରେ ଦୁଇ ପ୍ରମୁଖ ପୋଲ ପ୍ରସଙ୍ଗ ଉଠାଇଥିଲେ । ଏହା ବରଗଡ଼ ଜିଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ଥିଲା । ତେଣୁ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇବା ସହ ଏହା ପଶ୍ଚିମ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଂସଦ କହିଥିଲେ । ଏହି ବୈଠକରେ ଅନୁଗୋଳ-ସୁକିନ୍ଦା ରେଲଓ୍ୱେର ମ୍ୟାନେଜିଂ ଡାଇରେକ୍ଟର ଦିଲ୍ଲୀପ ସାମନ୍ତରାୟ ଓ ନିର୍ମାଣ ବିଭାଗ ମୁଖ୍ୟ ପ୍ରଶାସନିକ ଅଧିକାରୀ ଗୌତମ ଶ୍ରୀନିବାସ ଉପସ୍ଥିତ ଥିଲେ ।

## ସମ୍ବଲପୁର ଜିଲ୍ଲାପାଳଙ୍କ ରେଢ଼ାଖୋଲ ଗସ୍ତ

ରେଢ଼ାଖୋଲ : ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ରେଢ଼ାଖୋଲ ଗସ୍ତ କାଳରେ ରେଢ଼ାଖୋଲ ଗସ୍ତରେ ଆସି ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ଚିକିତ୍ସାଳୟରେ ଜିଲ୍ଲାପାଳ ବିଭିନ୍ନ ଓ୍ୱାର୍ଡ ବୁଲିଦେଖିବା ସହିତ ଡାକ୍ତରଖାନା କର୍ତ୍ତୃପକ୍ଷ ସହିତ ଡାକ୍ତରଖାନା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ । ମେଡିକାଲରେ ଡାକ୍ତର ସମସ୍ୟା ସଂକ୍ରାନ୍ତରେ ବିଭାଗକୁ ଜଣେଇବା ସହିତ ତାହାର ତୁରନ୍ତ ସମସ୍ୟା ଉପରେ ଧାନ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଡାକ୍ତରଖାନାର ଭିତ୍ତିଭୂମି କାର୍ଯ୍ୟ ଉପରେ ରାସ୍ତା ଓ କୋଠା ବିଭାଗର ଉପଖଣ୍ଡ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପରେ ଜିଲ୍ଲାପାଳ ରେଢ଼ାଖୋଲ ନୂତନ ବସଷ୍ଟାଣ୍ଡ ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିବା ସହିତ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ବସଷ୍ଟାଣ୍ଡ ପରିଦର୍ଶନ ସାରି ରେଢ଼ାଖୋଲ ଓଡିଶା ଆଦର୍ଶ ବିଦ୍ୟାଳୟର ଚାଲିଥିବା ନୂତନ କୋଠ ନିର୍ମାଣ କାର୍ଯ୍ୟ ଦେଖିବା ସହିତ ଶ୍ରେଣୀଗୃହ ଓ ହଷ୍ଟେଲ ବୁଲିଦେଖିଛନ୍ତି । ଅଧିକାରୀ ଏବଂ ଠିକାଦାରର ସହିତ ବିଲଡିଂର ଅଗ୍ରଗତି ସମୀକ୍ଷା କରିବା ସହିତ ବାକି ରହିଥିବା କାମ ଯଥାଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରେଢ଼ାଖୋଲ ବିଡ଼ିଓ ଶ୍ରୀ ମୋନଜ ମେହେର,ରେଢ଼ାଖୋଲ ତହସିଲଦାର, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଶିବରାମ ସାହୁ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ରାସ୍ତା ଓ କୋଠା ବାଡ଼ି ବିଭାଗର ଉପଖଣ୍ଡ ଅଧିକାରୀ ପ୍ରିୟ ରଞ୍ଜନ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ. ସୁନିତା ବ୍ରହ୍ମା ପ୍ରମୁଖ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ ।

## ଟିପିଡବ୍ଲ୍ୟୁଓଡିଏଲ୍‌ର ଜନସମ୍ପର୍କ ଶିବିର ମୈତ୍ରୀ




ସମ୍ବଲପୁର : ଆଧୁନିକ ଯୁଗ ସହ ଖାପ ଖୁଆଇ ଡିଜିଟାଲ ମାଧମରେ ଉପଭୋକ୍ତମାନଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରି ସହଜ, ସୁରକ୍ଷିତ ଏବଂ ସୁବିଧାରେ ବିଦ୍ୟୁତ୍ ସମ୍ପର୍କିତ ସମସ୍ତ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ଡିଜିଟାଲ ଜନସମ୍ପର୍କ ଶିବିର ମୈତ୍ରୀ ଅନୁଷ୍ଠିତ ହୋଇଛି । ଶିବିରରେ ଉପଭୋକ୍ତଙ୍କ ସାଧାରଣ ଅଭିଯୋଗ ଓ ଅନୁସନ୍ଧାନ ସମସ୍ୟାରେ ସମାଧାନ, କେଓ୍ୱାଇସି ଅପ୍‌ଡେଟ୍, ବିଭିନ୍ନ ଉପାୟ ମାଧମରେ ବିଦ୍ୟୁତ୍ ବିଲ୍ ପୈଠ, ବିଲ ଗ୍ରହଣ ସେବା, ଗ୍ରୀନ ବିଲିଂ ମାଧମରେ ନିଜ ହାତ ପାହାନ୍ତାରେ ବିଦ୍ୟୁତ୍ ମିଟର ସମ୍ପର୍କିତ ସମସ୍ତ ତଥ୍ୟ ପୁଙ୍ଖାନୁପୁଙ୍ଖ ଜାଣିବା, ନୂତନ ସଂଯୋଗର ସ୍ଥିତି ଅନୁସନ୍ଧାନ, ସୋଲାର ରୁଫ୍‌ଟପ୍, ସଂଯୋଗ କରିବା ପ୍ରକ୍ରିୟା ତଥା ଅନ୍ୟାନ୍ୟ ଡିଜିଟାଲ୍ ସମ୍ପର୍କିତ ଶିକ୍ଷା, ଶକ୍ତି ସଂରକ୍ଷଣ ଟିପ୍ସ ଏବଂ ବିଦ୍ୟୁତ୍ ସୁରକ୍ଷା ଉପରେ ଉପଭୋକ୍ତାଙ୍କୁ ସଚେତନ କରାଯାଇଥିଲା ।

## ସଂକୀର୍ତ୍ତନରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦିଆ ନ ଯାଉ

ସମ୍ବଲପୁର : ସଂକୀର୍ତ୍ତନ ଭଳି ଏକ ପବିତ୍ର ଓ ବିଦଗ୍ଧ କଳାରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦିଆ ନ ଯିବାକୁ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦ



ପକ୍ଷରୁ ଦାବି କରାଯାଇଛି । ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଏଠାରେ ଅନୁଷ୍ଠିତ ଜରୁରୀ ବୈଠକରେ କୀର୍ତ୍ତନ ମନୋରଞ୍ଜନ ଆଉ ଜୀବିକାର ମାଧମ ନ ହେଉ ବୋଲି ମତପ୍ରକାଶ ପାଇଥିଲା । ଏହାଛଡା କୌଣସି କଳାକାର କୀର୍ତ୍ତନ କଲାବେଳେ ମାଦକ ଦ୍ରବ୍ୟ ସେବନ ନ କରିବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ପରିଷଦର ସାଙ୍ଗଠନିକ ଆଲୋଚନା ମଧ କରାଯାଇଥିଲା । ବରଗଡ଼ର ବରିଷ୍ଠ କୀର୍ତ୍ତନ ଗାୟକ ରାଜେନ୍ଦ୍ର ବେହେରା, ଲଳିତ ଭୋଇ, ପ୍ରମୋଦ ଦାଶ, ବଲାଙ୍ଗୀରର ସମାଜସେବୀ ଶ୍ରୀକାର ମିଶ୍ର ଓ ଭରତ ସାହୁ, ସୁବର୍ଣ୍ଣପୁର ଜିଲ୍ଲାର ଦାମୋଦର ମେହେର, ଅରକ୍ଷୀତ ସାହୁ ଏବଂ ସବିତା ପାଣିଗ୍ରାହୀ, କଳାହାଣ୍ଡିର ଧନଞ୍ଜୟ ବାରିକ, ସୁନ୍ଦରଗଡ଼ର ଲିଙ୍ଗରାଜ ନାଏକ ଏବଂ ସମ୍ବଲପୁରର ଦିଲ୍ଲୀପ ବଢ଼େଇ ପ୍ରମୁଖ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଙ୍ଗଠନକୁ ଦୃଢ କରାଯିବା ସପକ୍ଷରେ ମତ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ସିଲଟି ଗାଁର କୀର୍ତ୍ତନ କଳାକାର ଭୁବନେଶ୍ୱର ସାହୁ ଏବଂ ପରିଷଦର ଅନ୍ୟତମ ଉପଦେଷ୍ଟା ପ୍ରହଲ୍ଲାଦ ହୋତାଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧରେ ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରଓ୍ୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ଯୁଗ୍ମ ସମ୍ପାଦକ ମାନଭଞ୍ଜନ ନାଏକଙ୍କ ସମେତ ୧୧ଟି ଜିଲ୍ଲାର କୀର୍ତ୍ତନ କଳାକାର ଯୋଗ ଦେଇଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଭାଗବତ କଥାମୃତ













ସମ୍ବଲପୁର : ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଝାଡୁଆପଡାର ଆରଣ୍ୟକ ମଞ୍ଚରେ ସପ୍ତାହ ବ୍ୟାପୀ ଭାଗବତ କଥାମୃତ ଅୟୋଜନ କରାଯାଇଛି । ପୁରୀର ଶ୍ରୀମତୀ ସରୋଜିନୀ ଦେବୀ ଶ୍ରୀମଦ ଭାଗବତ ଉପରେ ପ୍ରବଚନ ଦେଇଛନ୍ତି । ତାଙ୍କୁ ମହେଶ୍ୱର ଖୁଣ୍ଟିଆ, ଶରତ କୁମାର ବେହେରା ଏବଂ ସୁଦାମ ଚରଣ ସାହୁ ପ୍ରମୁଖ ସଂଗୀତ ଓ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ । ଟ୍ରଷ୍ଟର ଅଧକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ବିଶ୍ୱାତ୍ମ ଚେତନା ପରିଷଦର ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ ପ୍ରଦୀପ ପ୍ରଜ୍ଜ୍ୱାଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭିନ୍ନ ଦିବସରେ ପ୍ରଫେସର ମୀନକେତନ ପାଠୀ, ଉଦ୍ଧବ ମହାପାତ୍ର, ବେଣୁଧର ତ୍ରିପାଠୀ, ଡକ୍ଟର ଶ୍ୟାମ ସୁନ୍ଦର ଧର, ସରୋଜ କୁମାର ମହାପାତ୍ର, ଡାକ୍ତର ସୁରେନ୍ଦ୍ର ପଣ୍ଡା, ଶ୍ରୀମତୀ କଳ୍ପନା ମିଶ୍ର, ଶ୍ରୀମତୀ ଛନ୍ଦା ମହାପାତ୍ର, ଶ୍ରୀଲତା ମିଶ୍ର, ମୀନାକ୍ଷୀ ମିଶ୍ର, ସୁଜାତା ପଣ୍ଡା, ଡକ୍ଟର ପ୍ରଦୀପ ପଣ୍ଡା ପ୍ରମୁଖ ଦୀପ ପ୍ରଜ୍ୱଳନ ଓ ଆଳତୀ କରିଥିଲେ । ପଣ୍ଡିତ ବ୍ୟାସଦେବ ପଣ୍ଡା ପ୍ରତ୍ୟହ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ଶତାଧିକ ଭକ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପରମେଶ୍ୱର ଦାଶ, ବିମଳ ପାଣ୍ଡିଆ, ଶ୍ରୀମତୀ ନଳିନୀ ବାବୁ, କିରଣମୟୀ ପଣ୍ଡା, ହେମଲତା ସେଠ୍ ଓ ରାମଜୀବନ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏମ୍.ସି.ଏଲ୍ ପକ୍ଷରୁ ସଚେତନତା ଗ୍ରାମସଭା ଓ ବିଡର୍ସ ମିଟ୍




ବୁର୍ଲା : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ ପକ୍ଷରୁ ଧନକଉଡ଼ା ପଞ୍ଚାୟତ ସମିତି କର୍ଡୋଲା ଗ୍ରାମରେ ଏକ ଦୁର୍ନୀତି ନିବାରଣ ସଚେତନତା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏମସିଏଲ ଆନୁକୂଲ୍ୟରେ ତଥା କର୍ଡୋଲା କ୍ରୀଡ଼ା ସଂଘ ସହଯୋଗରେ ଆୟୋଜିତ ଗ୍ରାମସଭାରେ ଏମସିଏଲ ଦୁର୍ନୀତି ନିବାରଣ ବିଭାଗ ମୁଖ୍ୟ ଜିଏମ ଏମ.ଏମ ସରେବର, ଜିଏମ୍ ମାଇନିଙ୍ଗ ଭି.ଏସ. ଟିମୟା, ସିଭିଓଙ୍କ ଟି.ଏସ୍. ଡି. ସେଠୀ, ଇ.ଏଣ୍ଡ.ଏମ୍. ର ମୁଖ୍ୟ ପ୍ରବନ୍ଧକ ଗୋରେଖ ରାଉତ, ସ୍ଥାନୀୟ ସରପଞ୍ଚ ସୁଧାଂଶୁ ଶେଖର ପାଣିଗ୍ରାହୀ, କର୍ଡୋଲା ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯାଦବ ନାୟକ, କ୍ଲବ ସଭାପତି ସୁଧାଂଶୁ ଶେଖର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ପରେ 'ଆମେ ଦୁର୍ନୀତି କରିବା ନାହିଁ କି ଦୁର୍ନୀତି କରେଇ ଦେବା ନାହିଁ' ବୋଲି ଶପଥପାଠ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ବିଷୟକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା । ଗାଁର ଏସ୍ଏଚଜି ମାତୃଶକ୍ତି, ସ୍କୁଲ ଛାତ୍ରଛାତ୍ରୀ ତଥା ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କର୍ଡୋଲା କ୍ରୀଡ଼ା ସଂଘ ସଭାପତି ସୁଧାଂଶୁ ଶେଖର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ସେହିପରି ଏମସିଏଲ୍ ପକ୍ଷରୁ ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ପ୍ରଣବ କୁମାର ପଟେଲଙ୍କ ଅଧକ୍ଷତାରେ ଏକ ବିଡର୍ସ ମିଟ୍ ଆୟୋଜିତ ହୋଇଥିଲା । ଏଥିରେ ମାଇନିଂ, ଟେଲି କମୁନିକେସନ୍, ସିଭିଲ୍ ୱାର୍କ, କୋଇଲା ପରିବହନ ବିଭାଗର ଅଧିକାରୀମାନେ ଯୋଗ ଦେଇ ଏହାର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ । ଏହି ବୈଠକରେ ଆସିଥିବା ବିଭିନ୍ନ ପ୍ରସ୍ତାବ ଉପରେ ଶ୍ରୀ ପଟେଲ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ସତ୍ୟ ନିଷ୍ଠାର ଶପଥ ପାଠ କରାଇଥିଲେ ।






# ସମ୍ବଲପୁରର ତାଷଭି ହେଲେ ମିସ୍ ଇଣ୍ଡିଆ ନୟନତାରା





ଭୁବନେଶ୍ୱର : ଗ୍ଲୋବାଲ ଡାନ୍ସ ଆଇକନ୍ ଶାଶ୍ୱତ ଯୋଶୀଙ୍କ ଦ୍ୱାରା ଆୟୋଜିତ ସମ୍ବଲପୁରର 'ଉଡାନ'ର ଅନୁଷ୍ଠାନର ଛାତ୍ରୀ ତାଷଭି ପ୍ରଧାନ ମିସ୍ ଇଣ୍ଡିଆ ନୟନତାରା (କିଡ୍ସ)ରେ ବିଜେତା ହୋଇଛନ୍ତି । ସେ ଏହି କ୍ରାଉନ ଜିତିବା ସହ ଦିଲ୍ଲୀରେ ହେବାକୁ ଯାଉଥିବା ଦିଲ୍ଲୀ ଟାଇମ୍ସରେ ଭାଗ ନେବାର ସୁଯୋଗ ମଧ ପାଇଛନ୍ତି । କାର୍ଯ୍ୟକ୍ରମରେ ୪୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ଏବଂ ସେଥିରୁ ୨୦ ପ୍ରତିଯୋଗୀ ଗ୍ରାଣ୍ଡ ଫିନାଲେରେ ସ୍ଥାନ ପାଇଥିଲେ । ତାଷଭିଙ୍କ ସଫଳତା ପାଇଁ 'ଉଡାନ'ର ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ଏବଂ ପ୍ରତିଷ୍ଠାତା ରମେଶ ସାହା ତାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ୧୧ ବର୍ଷ ବୟସ୍କା ତାଷଭି ବିଏସ୍ଏନ୍ଏଲରେ କାର୍ଯ୍ୟରତ ଏସ୍.ଡି.ଇ ଭରତ ପ୍ରଧାନ ଏବଂ ରିଙ୍କି ରାଣୀ ପ୍ରଧାନଙ୍କ ଝିଅ ଅଟନ୍ତି ।

# ବୁର୍ଲାର ଝିଅ ପ୍ରୀତି ସୁମନ ପାଇଲେ ଓଏଏସ୍



ସମ୍ବଲପୁର : ବୁର୍ଲାର ଝିଅ ପ୍ରୀତି ସୁମନ ପ୍ରଧାନ ଓଡିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ୩୬୪ ତମ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ପ୍ରୟାସରେ ସେ ଏହି ସଫଳତା ପାଇଛନ୍ତି । ସୁଶ୍ରୀ ପ୍ରଧାନ ବୁର୍ଲା ଡିଏଭି ସ୍କୁଲରୁ ଯୁକ୍ତ ଦୁଇ ପାସ କରିବା ପରେ ଭୁବନେଶ୍ୱର ଓୟୁଏଟିରୁ ଏଗ୍ରିକଲଚରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ୟୁଜିସି ନେଟ୍ ପରୀକ୍ଷା ପାସ କରିଥିବା ସୁଶ୍ରୀ ପ୍ରଧାନ ସମ୍ପ୍ରତି ରାୟଗଡାର ମିଟ୍ସ କଲେଜରେ ସହକାରୀ ପ୍ରଫେସର ରୂପେ କାର୍ଯ୍ୟରତ ଅଛନ୍ତି । ଓଏଏସ୍ ପରୀକ୍ଷା ସଫଳତା ପାଇଁ ସେ କଲେଜର ଅଧାପକ, ସାଙ୍ଗସାଥୀ ଓ ପରିବାର ବର୍ଗଙ୍କୁ ଶ୍ରେୟ ଦେଇଛନ୍ତି । ସୁଶ୍ରୀ ପ୍ରଧାନ ଏମସିଏଲ ବିତ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପ୍ରବନ୍ଧକ (ସଚିବ) ସୁବାଷ ଚନ୍ଦ୍ର ପ୍ରଧାନ ଓ ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ସୁପୁତ୍ରୀ ଅଟନ୍ତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra